## ସଂକ୍ଷେପରେ

### ଧନପୁର ଉଚ୍ଚ ବିଦ୍ୟାଳୟ ଫଳ ଶୂନ

**ଜୟପୁର,୨୨।୫(ଡି.ଏନ୍.ଏ.):** ଜୟପୁର ବ୍ଲକ ଧନପୁର ଗ୍ରାମସ୍ଥିତ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ କୌଣସି ଛାତ୍ରୀଛାତ୍ର ଚଳିତ ମ୍ୟାଟ୍ରିକ ପରୀକ୍ଷାରେ ପାସ୍ କରିନାହାନ୍ତି। ୨୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ ମଧ ଜଣେ ବି ଉତ୍ତୀର୍ଣ୍ଣ ହୋଇନାହାନ୍ତି। ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ୧୫ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ରହିଥିବା ସତ୍ତ୍ୱେ ଏଭଳି ଫଳାଫଳ ସମସ୍ତଙ୍କୁ ନିରାଶ କରିଥିବା ଅଭିଭାବକ ଧନୁର୍ଜୟ ଗାଦବା କହିଛନ୍ତି। କୌଣସି ଛାତ୍ରୀଛାତ୍ର ୨୦୦ରୁ ଅଧିକ ମାର୍କ ଆଣି ନଥିବା ଜଣାପଡ଼ିଛି। ଛାତ୍ର ସନ୍ତୋଷ ଗାଦବା କହିଛନ୍ତି, ପାଠ ପଢ଼ାଯାଉଥିଲା ମଧ ଆମର କିଛି ବିଷୟ ଉପରେ ଥିବା ସନ୍ଦେହ ଦୂର କରାଯାଉ ନଥିଲା । ଛାତ୍ର ବୀରେନ୍ଦ୍ର ଗଣ୍ଡା କହିଛନ୍ତି, ବିଦ୍ୟାଳୟରେ ଟ୍ୟୁସନ ବ୍ୟବସ୍ଥା ନ ଥିବା ଯୋଗୁ ଏପରି ଫଳାଫଳ ହୋଇଛି। ଏଥିପାଇଁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଦାୟୀ। ଏଭଳି ଫଳାଫଳ ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଗ୍ରାମର ନୀଳକଣ୍ଠ ପରିଚ୍ଛା, ରତ୍ନାକର ଗଣ୍ଡା, ବାବୁଲା ପାତ୍ର, ବୁଲୁ ପରିଚ୍ଛା, ବୁଦ୍ରା ଭୁମିଆ। ପ୍ରଧାନ ଶିକ୍ଷୟିତ୍ରୀ ତନ୍ମୟୀ ପଟ୍ଟନାୟକ କହିଛନ୍ତି, ଗ୍ରାମବାସୀଙ୍କ ଅଭିଯୋଗର କୌଣସି ସତ୍ୟତା ନାହିଁ। ବିଦ୍ୟାଳୟରେ ପାଠପଢ଼ା ଠିକ୍ ଚାଲିଥିଲା। ଦୁର୍ଭାଗ୍ୟଜନକ ଭାବେ ଏଭଳି ଫଳ ହୋଇଛି।

### ସାପ କାମୁଡ଼ାରେ ଯୁବକ ମୃତ

**ପଟ୍ଟାଙ୍ଗି,୨୨।୫(ଡି.ଏନ୍.ଏ.):** ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ସମ୍ବାଇ ପଞ୍ଚାୟତ ଅଧୀନସ୍ଥ ବାଡାମଗୁଡ଼ା ଗ୍ରାମକୁ କୁଣିଆ ହୋଇ ଆସିଥିବା ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପଡ଼ିଛି। ସୂଚନା ଅନୁଯାୟୀ ସେମିଳିଗୁଡ଼ା ବ୍ଲକ ସାତାମ ପଞ୍ଚାୟତ ଚିନ୍ତାଲଗୁଡା ଗ୍ରାମର ହନ୍ତାଳ ରାମାନା ବାଡାମଗୁଡ଼ା ଗ୍ରାମର ବଇ ସାମଙ୍କ ଘରକୁ କୁଣିଆ ଭାବେ ଆସିଥିଲେ। ବୁଧବାର ଗ୍ରାମ ନିକଟସ୍ଥ ଭିମା ପାହାଡ଼ ରାସ୍ତାରେ ଶୌଚ ହେବାକୁ ଯାଉଥିବା ବେଳେ ସାପ କାମୁଡ଼ିବା ଯୋଗୁ ସେ ଅଚେତ ହୋଇପଡ଼ିଥିଲେ। ନିକଟସ୍ଥ ଚାଷ ଜମିରେ କାମ କରୁଥିବା ଲୋକେ ରାମାନାଙ୍କୁ ଉଦ୍ଧାର କରି ପୁକାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇଥିଲେ। ସେଠାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଛି।

### ଫନୀ ପାଇଁ ସହାୟତା



**ନନ୍ଦପୁର,୨୨।୫(ଡି.ଏନ୍.ଏ.):** ନନ୍ଦପୁର ସିନ୍ଧେଦେବୀ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ, ସମସ୍ତ କାର୍ଯ୍ୟକ୍ରମ ଅଧିକାରୀ ଏବଂ ମହାବିଦ୍ୟାଳୟର କର୍ମଚାରୀଙ୍କ ତତ୍ତ୍ୱାବଧାନରେ ପ୍ରାକୃତିକ ବିପର୍ଯ୍ୟୟ ଫନୀ ପାଇଁ ବୁଧବାର ନନ୍ଦପୁର ସାପ୍ତାହିକ ହାଟରୁ ୮୦୧୯ ଟଙ୍କା ସଂଗ୍ରହ କରାଯାଇଛି। ଉକ୍ତ ପାଣ୍ଠିକୁ ଡିମାଣ୍ଡ ଡ୍ରାଫ୍ଟ ମାଧମରେ ଜିଲା ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ପଠାଯିବ ବୋଲି ଜାତୀୟ ସେବା ଯୋଜନା ଜିଲା କାର୍ଯ୍ୟକ୍ରମ ଅଧିକାରୀ କିଶୋର ଚନ୍ଦ୍ର ବେହେରା ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମ ଅଧିକାରୀ ସୁରଭି ପାଣିଗ୍ରାହୀ, ସନ୍ତୋଷ ହନ୍ତାଳ, ମୋହନ କୁଲମ ପେଦା, ବିଜୟ ପାଙ୍ଗି, ଦୁର୍ଯ୍ୟୋଧନ ଦଳପତି, ଭଗବାନ ଖରା ଛାତ୍ରୀଛାତ୍ରଙ୍କୁ ସହଯୋଗ କରିଥିଲେ। କନିଷ୍ଠ ମହାବିଦ୍ୟାଳୟର ଅଧକ୍ଷା ବୈଜୟନ୍ତୀ ସାମଲ ଏବଂ ସ୍ନାତକ ମହାବିଦ୍ୟାଳୟର ଅଧକ୍ଷା ସ୍ନେହଲତା ସେଠୀ ଛାତ୍ରୀଛାତ୍ରଙ୍କ ଏପରି କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।

### ଦୁର୍ଘଟଣାରେ ଜଣେ ମୃତ

**ଫିରିଙ୍ଗିଆ, ୨୨।୫:** ପିରିଙ୍ଗିଆ-ବାଲିଗୁଡା ମୁଖ୍ୟ ରାସ୍ତା ଲଦାଠାରେ ଏକ ଦୁର୍ଘଟଣା ଘଟିଛି । ବାଇକ୍ ଭାରସାମ୍ୟ ହରାଇ ଗାଈ ସହ ଧକ୍କା ହେବାରୁ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ପବିଙ୍ଗିଆ ପଞ୍ଚାୟତ ପାଣ୍ଡୁପଦର ଗ୍ରାମର ପ୍ରଭୁ ମଲ୍ଲିକ । ଆହତ ଲମ୍ବୋଦର ମଲ୍ଲିକ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ପ୍ରଭୁ ଓ ଲମ୍ବୋଦର ଏକ ବିବାହ ଉତ୍ସବରେ ଯୋଗଦେଇ ବାଇକରେ ଫେରୁଥିବା ବେଳେ ରାସ୍ତାରେ ଛିଡା ହୋଇଥିବା ଏକ ଗାଈ ସହ ଧକ୍କା ହୋଇ ପଡ଼ି ଯାଇଥିଲେ ।

■ ତ୍ରିସ୍ତରୀୟ ସୁରକ୍ଷା ଭିତରେ ହେବ ଭୋଟଗଣତି

# ଆଜି ଆସିବ ୩୯ ପ୍ରାର୍ଥୀଙ୍କ ଭାଗ୍ୟଫଳ

**କୋରାପୁଟ,୨୨।୫(ସ୍ୱ.ପ୍ର.)**

ଗୁରୁବାର ୨୦୧୯ ସାଧାରଣ ନିର୍ବାଚନର ଭୋଟ ଗଣନା । କୋରାପୁଟ ଜିଲାର ୫ଟି ବିଧାନସଭା ଆସନର ୩୨ ଜଣ ଓ କୋରାପୁଟ ଲୋକସଭା ଆସନର ୭ ଜଣ ପ୍ରାର୍ଥୀଙ୍କ ଫଳ ପ୍ରକାଶ ପାଇବ। ସେଥିରେ କୋରାପୁଟ ବିଧାନସଭା ଆସନର ୮ ଜଣ, ପଟ୍ଟାଙ୍ଗିର ୬ ଜଣ, ଜୟପୁରରେ ୮ ଜଣ, କୋଟପାଡ଼ରେ ୫ ଜଣ, ଲକ୍ଷ୍ମୀପୁରରେ ୫ ଜଣ ପ୍ରାର୍ଥୀଙ୍କ ଭାଗ୍ୟଫଳ ରହିଛି। ଏଥିପାଇଁ ସମସ୍ତଙ୍କ ହୃତ୍‌ସ୍ପନ୍ଦନ ବଢ଼ିଯାଇଛି। ଭୋଟ ଗଣତି ପାଇଁ କୋରାପୁଟ ପ୍ରଶାସନ ପକ୍ଷରୁ ଜିଲାର ଦୁଇଟି ଭୋଟ ଗଣନା କେନ୍ଦ୍ରରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଗଣନା କେନ୍ଦ୍ର ପରିସର ଓ ବାହାରେ ୧୪୪ ଧାରା ଜାରି କରାଯାଇଛି । ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସମସ୍ତ ଗଣନା ଅଧିକାରୀଙ୍କୁ ଗୁରୁବାର ସକାଳ ୬ଟା ପଳର୍ବରୁ ଗଣନା କେନ୍ଦ୍ରରେ ପହଞ୍ଚିବା ପାଇଁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଗଣନା କେନ୍ଦ୍ରରେ ମୋବାଇଲ ନେବାକୁ ବାରଣ କରାଯାଇଛି। ଗଣନାକାରୀଙ୍କ ଫଟୋ ପରିଚୟପତ୍ର କଡ଼ାକଡ଼ି ଯାଞ୍ଚ ପରେ ଗଣନାକେନ୍ଦ୍ରକୁ ଯିବାକୁ ଅନୁମତି ଦେବ ପୋଲିସ। ଜିଲାର ୫ଟି ବିଧାନସଭା ମଣ୍ଡଳୀ ଓ କୋରାପୁଟ ଲୋକସଭା ଆସନ ପାଇଁ ୯୪ଟି ଟେବୁଲରେ ଭୋଟ ଗଣତି କରାଯିବ। ଜିଲାର ଲକ୍ଷ୍ମୀପୁର ବିଧାନସଭା ମଣ୍ଡଳୀ ପାଇଁ ୭ଟି ଟେବୁଲ ଓ ଲୋକସଭା ଆସନ ପାଇଁ ୭ଟି ଟେବୁଲ କରାଯାଇଛି। ଅନ୍ୟ ସମସ୍ତ ୪ଟି ବିଧାନସଭା ମଣ୍ଡଳୀ ପାଇଁ ୧୦ଟି ଲେଖାଁଏ ଓ ଲୋକସଭା ଆସନ ପାଇଁ ୧୦ଟି ଲେଖାଏଁ ଟେବୁଲ କରାଯାଇଛି। ଗୁରୁବାର ସକାଳ ୮ଟାରେ ପ୍ରଥମେ ପୋଷ୍ଟାଲ ବାଲଟ ପେପର ଗଣନା କରାଯିବା ପରେ ୮ଟା ୩୦ରୁ ଇଭିଏମ୍ ଗଣତି କରାଯିବ।



ଜୈବ ବିବିଧତା ଦିବସ ଅବସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।


ଅତିଥିମାନେ ପ୍ରଦର୍ଶନୀକୁ ବୁଲି ଦେଖୁଛନ୍ତି।

■ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ପାଳିତ

# ଆକର୍ଷଣ ସାଜିଲା ଜୈବ ସମ୍ବଳ ଆଧାରିତ ପ୍ରଦର୍ଶନୀ

**ଜୟପୁର,୨୨।୫(ନି.ପ୍ର.)**

ଜୟପୁର ସ୍ଥିତ ବିଜୁ ପଟ୍ଟନାୟକ କୃଷି ଜୈବ ବିବିଧତା କେନ୍ଦ୍ରର ଏମ୍.ଏ. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନରେ ବୁଧବାର ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ପାଳିତ ହୋଇଛି। ଏହି ଅବସରରେ ଜୈବ ସମ୍ବଳ ଆଧାରିତ ପ୍ରଦର୍ଶନୀ ଆୟୋଜନ କରାଯାଇଛି। ଏଥିରେ କୋରାପୁଟ ଜିଲାର ଚାଷୀଙ୍କ ଦ୍ୱାରା ସଂରକ୍ଷଣ କରାଯାଇଥିବା ଦେଶୀ ଧାନ, ମାଣ୍ଡିଆ, ଡାଲି ଜାତୀୟ ଶସ୍ୟ, ମକା, ଗାଁ ବୈଦ୍ୟମାନେ ବ୍ୟବହାର କରୁଥିବା ବିଭିନ୍ନ ଲୁପ୍ତ ଚେରମୂଳୀ ଓ ଅନ୍ୟ ଜୈବ ସମ୍ବଳ ପ୍ରଦର୍ଶିତ ହୋଇଛି।

ଜୈବ ସମ୍ବଳ ପ୍ରଦର୍ଶନୀ ପରେ ଜୈବ ବିବିଧତା ଓ ଜଳବାୟୁ ପରିବର୍ତ୍ତନ ଶୀର୍ଷକ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଜୟପୁର ଡିଏଫଓ ଅଶ୍ୱିନୀ କର, ମୁଖ୍ୟବକ୍ତା ଭାବେ ସୁନାବେଡ଼ା ସ୍ଥିତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ଡ. ଏମ୍. ମଧୁ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଡ. ଦେବବ୍ରତ ପଣ୍ଡା, ନବରଙ୍ଗପୁରର ଡ. ପ୍ରଦିପ ମିଶ୍ର, ପଦ୍ମଶ୍ରୀ କମଳା ପୂଜାରୀ ଯୋଗ ଦେଇଥିଲେ। ଲୋକଙ୍କ ମଧ୍ୟରେ ଜୈବ ବିବିଧତା ସମ୍ପର୍କିତ ସଚେତନତା ଆଣିବା ଓ ବିଲୁପ୍ତ ଜୈବ ସମ୍ବଳର ସଂରକ୍ଷଣ କରିବା ପାଇଁ ବୈଜ୍ଞାନିକ ପ୍ରଶାନ୍ତ ପରିଡ଼ା କହିଛନ୍ତି। ବୈଜ୍ଞାନିକ କାର୍ତ୍ତିକ ଚରଣ ଲେଙ୍କା ସ୍ୱାଗତ ଭାଷଣ, ନିର୍ଦ୍ଦେଶକ ଡ. କ୍ରିଷ୍ଣା କୁମାର ନାବାଲାଡି ଗବେଷଣା କେନ୍ଦ୍ରର ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ରମ ଏବଂ କୃଷି ଓ ଜଳବାୟୁ ପରିବର୍ତ୍ତନ ଦିଗରେ ପ୍ରଫେସର ସ୍ୱାମୀନାଥନଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବୈପାରିଗୁଡ଼ା, କୁନ୍ଦୁରା ଓ କୋରାପୁଟ ବ୍ଲକର ପୁରୁଷ ଓ ମହିଳା ଚାଷୀ, ଦିଶାରୀ, ଜୈବ ବିବିଧତା ପରିଚାଳନା କମିଟିର ସଦସ୍ୟା, ସ୍କୁଲର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପ୍ରଦର୍ଶନୀରେ ଭାଗ ନେଇଥିବା ଚାଷୀ ଓ ଦିଶାରୀଙ୍କ ମଧ୍ୟରୁ ସର୍ବୋତ୍ତମ ପ୍ରଦର୍ଶନ କରିଥିବା ଜୈବ ସମ୍ବଳ ବ୍ୟକ୍ତିବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ସହ ଓଡ଼ିଶା ଜୈବ ବିବିଧତା ବୋର୍ଡ ଦ୍ୱାରା ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାର ବିଜେତାଙ୍କୁ ମାନପତ୍ର ଦିଆଯାଇଥିଲା। ଶେଷରେ ଅନୁଷ୍ଠାନର ଉନ୍ନୟନ ସଂଯୋଜକ ଅକ୍ଷୟ ପଣ୍ଡା ଧନ୍ୟବାଦ ଦେଇଥିଲେ।

■ ରାସ୍ତା ନିର୍ମାଣରେ ଅଭିଯୋଗ

# ନିମ୍ନମାନର କାମ ସାଙ୍ଗକୁ ପିସି କାରବାର

**ସେମିଳିଗୁଡ଼ା,୨୨।୫(ସ୍ୱ.ପ୍ର.)**

କୋରାପୁଟ ଓ ସୁନାବେଡ଼ା ଅଞ୍ଚଳରେ ସାହି, କଲୋନି ଓ ୱାର୍ଡକୁ ସଂଯୋଗ କରୁଥିବା ରାସ୍ତା ବହୁ ଦିନ ହେଲା ଖରାପ ହୋଇ ପଡ଼ିଥିଲା। ମ୍ୟୁନିସିପାଲିଟି ଅଧୀନରେ ଥିବା ଏହି ରାସ୍ତା ବିଭାଗୀୟ ଅବହେଳା ପାଇଁ ରାସ୍ତା, ଗୃହ ଓ କୋଠା ନିର୍ମାଣ ବିଭାଗକୁ ଉପରୋକ୍ତ ରାସ୍ତାକାମ ହସ୍ତାନ୍ତର କରାଯାଇଥିଲା। ଟେଣ୍ଡର ହେବା ସହ ନିର୍ମାଣ କାମକୁ ଜଣେ ଠିକାଦାର ପାଇଥିବା ବେଳେ କାମ କରୁଛନ୍ତି ଜଣେ ପେଟି ଠିକାଦାର। ମେଶିନ ଦ୍ୱାରା ସବୁ କାମ ଚାଲିଛି। ସୁନାବେଡ଼ା ଏଇଏଫ୍ କଲୋନିର ସବୁରାସ୍ତାର ନିର୍ମାଣ ଚାଲିଛି। ସେହିପରି କୋରାପୁଟ ଏସ୍‌ପି କାର୍ଯ୍ୟାଳୟରୁ ମେଡିକାଲ ରାସ୍ତାରେ କାମ ଚାଲୁ ରହିଛି। କିନ୍ତୁ କାମ ଚାଲୁଥିବା ସମୟରେ କାର୍ଯ୍ୟସ୍ଥଳକୁ ବିଭାଗୀୟ ଅଧିକାରୀ ତଦାରଖ ପାଇଁ ଯାଉନାହାନ୍ତି। ପେଟି ଠିକାଦାର ରାସ୍ତାପାର୍ଶ୍ୱର ସିମେଣ୍ଟ କାମକୁ ସବ୍ ପେଟି ଠିକାଦାରଙ୍କୁ ଦେଇଛନ୍ତି। ପତଳା ସ୍ତରର ପିଚୁ, ରାସ୍ତାର ଫିନିସିଂ ଠିକ୍ ନହେବା, କେଉଁଠି ପିଚୁମିଶା ଗୋଡ଼ି ଦିଆଯାଉଛି ତ ପୁଣି କେଉଁଠି ମାଟି ଉପରେ ପିଚୁ ଢାଳି କାମ କରାଯାଉଛି। ଏବେ କାମ ସରିନାହିଁ, କିନ୍ତୁ ହାତ ମାରିଲେ ପିଚୁ ବାହାରିଆସୁଛି। ରାସ୍ତା, ଗୃହ ଓ କୋଠା ନିର୍ମାଣ ବିଭାଗର କେତେକ ଅଧିକାରୀଙ୍କୁ ଠିକାଦାରମାନେ ପିସି ଦେଇ ନିଜ ଫାଇଦା ଦେଖୁଛନ୍ତି। କିନ୍ତୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଥିବା ରାସ୍ତାକାମ ନିମ୍ନମାନର ହେଉଛି। ଏନେଇ ରାସ୍ତା, କୋଠା ଓ ଗୃହ ବିଭାଗର ନିର୍ବାହୀ ଅଧିକାରୀ କିଶୋର ନନ୍ଦଙ୍କୁ ଯୋଗାଯୋଗ କରିଥିଲେ ମଧ ତାହା ସମ୍ଭବ ହୋଇ ନଥିଲା।



ନିର୍ମାଣାଧୀନ ପିଡବ୍ଲ୍ୟୁଡି ରାସ୍ତା

### ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

**ବୈପାରୀଗୁଡ଼ା,୨୨।୫(ଡି.ଏନ୍.ଏ.)**

ବୈପାରୀଗୁଡ଼ା-ରାମଗିରି ରାସ୍ତାର ଦଳପୁରଠାରେ ବୁଧବାର ଅପରାହ୍ନରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ପୋଲିସ୍ ହିରୋ ଡିଲକ୍ସ (ଓଡି ୧୦ ୦୪୮୮୯) ବାଇକ୍ ଜବତ କରିଥିବା ବେଳେ ମୃତଦେହ ଏବେ ବୈପାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଛି। ମିଳିଥିବା ଗାଡ଼ିର କାଗଜପତ୍ରରେ ମାଲିକଙ୍କ ନାମ ଶ୍ୟାମ ସୁନ୍ଦର ବେହେରା ଓ ତାଙ୍କ ଘର ଜୟପୁର ବୋଲି ଉଲ୍ଲେଖ ରହିଛି । ମୃତ ଯୁବକ ବାଇକ ମାଲିକ ଅଥବା ଅନ୍ୟ କିଏ ତାହା ସ୍ପଷ୍ଟ ହୋଇନାହିଁ । ବାଇକ୍‌ଟି ଦ୍ରୁତଗତିରେ ଯିବାବେଳେ ଚାଳକ ନିୟନ୍ତ୍ରଣ ହରାଇବାରୁ ଦୁର୍ଘଟଣା ହୋଇଥିବା କୁହାଯାଇଛି ।


ତଦାରଖ ପାଇଁ ଆସିଥିବା ନାଲ୍‌କୋ ପ୍ରତିନିଧି ଦଳ।

# ନିର୍ମାଣାଧୀନ ପୋଲ ତଦାରଖ କଲା ନାଲ୍‌କୋ ଟିମ୍

**କୋରାପୁଟ,୨୨।୫(ସ୍ୱ.ପ୍ର.)**

ଦାମନଯୋଡ଼ିସ୍ଥିତ ଜାମପୁଟ ଓ ଖାଲବାରୀ ଗ୍ରାମକୁ ସଂଯୋଗ କରିବା ପାଇଁ ନାଲକୋ ପକ୍ଷରୁ ପ୍ରାୟ ୬୦ ଲକ୍ଷ ଟଙ୍କା ବ୍ୟୟରେ କରାଯାଉଥିବା ଏକ ବ୍ରିଜର କାର୍ଯ୍ୟ ତଦାରଖ ପାଇଁ ବୁଧବାର ନାଲକୋର ଏକ ସ୍ୱତନ୍ତ୍ର ଦଳ ସଂପୃକ୍ତ ସ୍ଥାନ ପରିଦର୍ଶନ କରିଛନ୍ତି। ନାଲକୋ ଦାମନଯୋଡିର ମହାପ୍ରବନ୍ଧକ (ମାନବ ସମ୍ବଳ ଓ ପ୍ରଶାସନ) ରାଜୀବ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ଦଳ ଏହି ବ୍ରିଜ ନିର୍ମାଣସ୍ଥଳ ପରିଦର୍ଶନ କରି କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ସ୍ଥାନୀୟ ଠିକାଦାର ଚନ୍ଦ୍ର ସାଉନ୍ତାଙ୍କୁ ପରାମର୍ଶ ଦେଇଛନ୍ତି। ସୂଚନାଥାଉ ଯେ ନାଲକୋ ଦାମନଯୋଡି ଅଧୀନରେ ଥିବା ଜାମପୁଟ, ଖାଲବାରୀ ତଭପଡ଼ାର, ତଳଗଡଟି ଓ ଉପରଗଡଟି ଗ୍ରାମର ଶତାଧିକ ଗ୍ରାମବାସୀ ବଡନଦୀ ଯୋଗୁଁ ଦାମନଯୋଡି ସଦର ମହକୁମାକୁ ଯାତାୟତ ପାଇଁ ଅସୁବିଧା ଭୋଗୁଥିଲେ। ବର୍ଷାଦିନେ ଏହ ନଦୀରେ ପାଣି ଭରିଯିବା ଫଳରେ ଗ୍ରାମବାସୀଙ୍କ ସମସ୍ୟା ଅଧିକ ଜଟିଳ ହେଉଥିଲା। ତେଣୁ ନାଲକୋ ପକ୍ଷରୁ ଜାମପୁଟ ଓ ଖାଲବାରି ଗ୍ରାମକୁ ସଂଯୋଗ କରିବା ପାଇଁ ୬୦ ଲକ୍ଷ ଟଙ୍କା ବ୍ୟୟରେ ଏକ ପୋଲ ନିର୍ମାଣ କାର୍ଯ୍ୟ କିଛି ମାସ ତଳେ ଆରମ୍ଭ ହୋଇଥିଲା। ବୁଧବାର ଗସ୍ତ ଅବସରରେ ନାଲକୋର ମହାପ୍ରବନ୍ଧକ (ପ୍ରକଳ୍ପ) ସୁଶୀଳ ପାଢ଼ୀ, ମହାପ୍ରବନ୍ଧକ (ଦ୍ରବ୍ୟ), ପ୍ରଶାନ୍ତ ଷଡ଼ଙ୍ଗୀ, ମହାପ୍ରବନ୍ଧକ (ଖଣିଜ) ଅରୁଣ ଦାସ, ମହାପ୍ରବନ୍ଧକ (ଅର୍ଥ) ଆର୍.ସି. ଯୋଶୀ, ମହାପ୍ରବନ୍ଧକ (ଶକ୍ତି) ରାମଚନ୍ଦ୍ର ତ୍ରିପାଠୀ, ଉପପ୍ରବନ୍ଧକ ରିବା ନାରାୟଣ ଉପାଧ୍ୟାୟ, ସୁରକ୍ଷା ପରିଚାଳନା ମୁଖ୍ୟ ରାଜେଶ ଶର୍ମା, ସୁକାନ୍ତ ଦାସ, ସରୋଜ ପାତ୍ର, ଚନ୍ଦ୍ରମୋହନ ମହନ୍ତ, ସଞ୍ଜୟ ପଟ୍ଟନାୟକ, ସୁଦୀପ୍ତ ବାରିକ, ମହେଶ୍ୱର ସାହୁ ଏବଂ ନାଲକୋ ଫାଉଣ୍ଡେସନ ପକ୍ଷରୁ ପ୍ରକଳ୍ପ ମ୍ୟାନେଜର ସସ୍ମିତ ନାୟକ, ତାପସ ପଣ୍ଡା, ପ୍ରମୋଦ ହିଆଲ, ସୌଭାଗ୍ୟ ଜେନା ଉପସ୍ଥିତ ଥିଲେ।

# ଗାଙ୍ଗମ୍ମାଙ୍କ ନବରାତ୍ର ଘଟଯାତ୍ରା ଉଦ୍‌ଯାପିତ


ପଟ୍ଟାଙ୍ଗି ଜଗନ୍ନାଥ ମନ୍ଦିର ନିକଟସ୍ଥ ଅସ୍ଥାୟୀ ମଣ୍ଡପରେ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼।

**ପଟ୍ଟାଙ୍ଗି,୨୨।୫(ଡି.ଏନ୍.ଏ.)**

ପଟ୍ଟାଙ୍ଗି ସଦର ଜଗନ୍ନାଥ ମନ୍ଦିର ନିକଟସ୍ଥ ଅସ୍ଥାୟୀ ମଣ୍ଡପରେ ୯ ଦିନ ଧରି ଚାଲିଥିବା ଗ୍ରାମଦେବୀ ମା' ଗାଙ୍ଗମାଙ୍କ ନବରାତ୍ର ଘଟଯାତ୍ରା ଉଦ୍‌ଯାପିତ ହୋଇଛି। ମା' ଗାଙ୍ଗମା ବୁଧବାର ସକାଳୁ ସ୍ଥାୟୀ ମନ୍ଦିରକୁ ପହଞ୍ଚି ପୂଜାର୍ଚ୍ଚନା ପାଇଛନ୍ତି। ମାନସିକଧାରୀ ମନ୍ଦିରରେ ପହଞ୍ଚି ମା'ଙ୍କ ଦର୍ଶନ କରି ଭୋଗରାଗ କରିଛନ୍ତି। ଚଳିତ ବର୍ଷ ଘଟଯାତ୍ରାରେ ଗଞ୍ଜାମ ଜିଲା ବ୍ରହ୍ମପୁରରୁ ଆସିଥିବା ଅପେରା, ସୋନପୁର ଅଞ୍ଚଳରୁ ଆସିଥିବା ମେଲୋଡି ସମେତ ଆନ୍ଧ୍ରର ବୁରାକାତା ଓ ମିନାବଜାର ସହ ଆଞ୍ଚଳିକ ତଥା ଆଦିବାସୀ ନାଟକ ସ୍ଥାନୀୟ ଜନସାଧାରଣଙ୍କ ମନୋରଞ୍ଜନର ଖୋରାକ ଯୋଗାଇଥିଲା। ମା'ଙ୍କ ନିକଟରେ ମାନସିକ ରଖିଥିବା ମାନସିକଧାରୀଙ୍କ ଦ୍ୱାରା ଚଳିତ ବର୍ଷ ୫୩ଟି ଘଟହାଣ୍ଡି ଦିଆଯାଇଥିଲା। ଯାତ୍ରା କମିଟିର ସମ୍ପାଦକ ତଥା ସଦର ସରପଞ୍ଚ ଭଗବାନ ଖରା, କୋଷାଧ୍ୟକ୍ଷ ନଳିନୀ ଚୌଧୁରୀ, ମନୋଜ ଦାଶ, ନୂଆଗାଁ ପଞ୍ଚାୟତ ସମିତି ସଭ୍ୟ ଜି. ଉମା ମହେଶ୍ୱର ରାଓ, ସୁଜିତ ଚୌଧୁରୀ, ଶିକ୍ଷକ ପ୍ରଫୁଲ୍ଲ ବେହେରା, ସତ୍ୟ ଖରା, ନନ୍ଦ ପଟ୍ଟନାୟକ, ଅଜିତ ଚୌଧୁରୀ, ନୀଳକଣ୍ଠ ପଣ୍ଡା, ଦେବ ପଟ୍ଟନାୟକ, କୃଷ୍ଣ ସାହାଣୀ, ତ୍ରିନାଥ ନାୟକ ଯାତ୍ରା ପରିଚାଳନା କରିଥିଲେ।



ଶିବିରରେ ଯୋଗ ଦେଇଥିବା ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

# ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ

**ସେମିଳିଗୁଡ଼ା,୨୨।୫(ସ୍ୱ.ପ୍ର.)**

ସୁନାବେଡ଼ା 'ହାଲ' ସ୍ଥିତ ଭି.ଏସ୍ ବିଦ୍ୟାଳୟରେ ଦୀର୍ଘ ୧୫ ଦିନ ଧରି ଚାଲିଥିବା ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ହେମନ୍ତ କୁମାର ସେଠ୍‌ଙ୍କ ସଭାପତିତ୍ୱରେ ଆୟୋଜିତ ସମାପନ ଉତ୍ସବରେ ଏରୋନଟିକ୍ସ ଏଜୁକେସନ୍ ସୋସାଇଟିର ସାଧାରଣ ସମ୍ପାଦକ ନବୀନଚନ୍ଦ୍ର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଶିବିରରେ ବାସ୍କେଟବଲ, ବ୍ୟାଡମିଣ୍ଟନ, ପହଁରା, ଚିତ୍ରାଙ୍କନ ଆଦି ବିଷୟରେ ବିଦ୍ୟାର୍ଥୀଙ୍କୁ ତାଲିମ୍ ଦିଆଯାଇଥିଲା। ଶିବିରର ପ୍ରଶିକ୍ଷକ ସନ୍ଦିପ ପଟ୍ଟନାୟକ, ରତ୍ନାକର ବାରିକ, ପ୍ରଣବ ପରମାଣିକ, ଲକ୍ଷ୍ମୀକାନ୍ତ ପୃଷ୍ଟି ଓ ଶେଖ୍ ଇବ୍ରାହିମ୍ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ଉପାଧ୍ୟକ୍ଷ ପି.କେ ମିଶ୍ର ଧନ୍ୟବାଦ ଦେଇଥିଲେ।

# ସମସ୍ୟାରେ ଶଢ଼ୁଛି ସୁନାବେଡ଼ା ଏନ୍‌ଏସି

**ସୁନାବେଡ଼ା,୨୨।୫(ଡି.ଏନ.ଏ.)**

■ ସର୍ବସାଧାରଣ ଶୌଚାଳୟରେ ଝୁଲୁଛି ତାଲା
■ ପାର୍କ, ଡାକ୍ତରଖାନା ସାମ୍ନାରେ କୁଢ଼କୁଢ଼ ମଦବୋତଲ
■ ବସ୍‌ଷ୍ଟାଣ୍ଡ ପାଇଁ ଜାଗା ଚିହ୍ନଟ ହୋଇପାରୁନି
■ କୁଢ଼କୁଢ଼ ଅଳିଆ ପାହାଡ଼ରେ ହାଟପଦା ହାଟ

କୋରାପୁଟ ଜିଲାର ସୁନାବେଡା ବିଜ୍ଞାପିତ ଅଞ୍ଚଳ ପରିଷଦ ବିଭିନ୍ନ ସମସ୍ୟା ଦେଇ ଗତିକରୁଛି। ସହରରେ ରହିଥିବା ବସ୍‌ଷ୍ଟାଣ୍ଡ ଯାତ୍ରୀଙ୍କ ବଦଳରେ ମୋଟରସାଇକେଲ, ବୁଲା ଗାଇଗୋରୁ ଓ ଉଠା ଦୋକାନୀଙ୍କ କବ୍‌ଜାରେ ରହିଥିବା ବେଳେ ଦୂରସ୍ଥାନକୁ ଯାତ୍ରା କରୁଥିବା ଯାତ୍ରୀ ବସ୍‌ଷ୍ଟାଣ୍ଡରେ ବସିବାକୁ ସ୍ଥାନ ନ ପାଇ ହଇରାଣ ହେଉଛନ୍ତି। ପ୍ରାଶସନର ରକ୍ଷଣାବେକ୍ଷଣର ଅଭାବ ଯୋଗୁ କୌଣସି ଉନ୍ନତି ହୋଇପାରୁନାହିଁ। ଅନ୍ୟଏକ ସ୍ଥାନରେ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଯୋଜନା ରହିଥିବା କୁହାଯାଉଥିବା ବେଳେ ଏଥିପାଇଁ ଅନୁଦାନ ଆସିଥିଲେ ମଧ ଜାଗା ଚିହ୍ନଟ ହୋଇପାରୁନଥିବା ଜଣାପଡ଼ିଛି। ହାଟପଦା ଠାରେ ନିର୍ମାଣ ସରିଥିବା ଦୋକାନ ଘର ସହ ଅର୍ଦ୍ଧନିର୍ମିତ ପାର୍କକୁ ସଜାଡିବା ସହ ଭୁଶୁଡ଼ି ପଡ଼ିଥିବା ଦୋକାନଘର ମରାମତି ପାଇଁ ମଧ ଦାବି ହୋଇଆସୁଛି। ପୁରୁଣା ପାର୍କରେ ଯେଉଁଠି ପିଲାରୁ ବୃଦ୍ଧ ପର୍ଯ୍ୟନ୍ତ ଅବସର ବିନୋଦନ କରୁଛନ୍ତି ସେଠାରେ ଚାରିଆଡ଼େ ମଦବୋତଲ ପଡ଼ିଛି। ସେହିପରି ସମାନ ଅବସ୍ଥା ମେଡ଼ିକାଲ ସାମନାରେ ମଧ ଦେଖିବାକୁ ମିଳୁଛି। ସହରରେ ଅଧିକ ନୂତନ କଲ୍ୟାଣମଣ୍ଡପ, ଯାତ୍ରୀ ବିଶ୍ରାମାଗାର, ପାନୀୟ ଜଳ ବ୍ୟବସ୍ଥା, ସର୍ବସାଧାରଣ ଶୌଚାଳୟ, ପାର୍କିଂ ସୁବିଧା, ପ୍ରତିଦିନ ଆବର୍ଜନା ସଂଗ୍ରହ ଭଳି ଅନେକ କାର୍ଯ୍ୟ ରହିଥିବା ବେଳେ ଏଗୁଡ଼ିକୁ ଯଥାଶୀଘ୍ର କରିବା ପାଇଁ ଜନସାଧାରଣ ଦାବି କରୁଛନ୍ତି।


ଏନ୍‌ଏସିର ଆବର୍ଜନା ଭର୍ତ୍ତି ରାସ୍ତାପାର୍ଶ୍ୱ ।

## ସଂକ୍ଷେପରେ

### ଗଛକୁ ଧକ୍କାଦେଲା କାର୍, ଚାଳକ ଫେରାର

ପାରଳାଖେମୁଣ୍ଡି, ୨୨।୫(ସ୍ୱ.ପ୍ର.) - ଗଜପତି ଜିଲା ପାରଳାଖେମୁଣ୍ଡି ଥାନା ଅନ୍ତର୍ଗତ ଡାମୁଣୀଗାଁ ନିକଟରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ବୁଧବାର ମଧ୍ୟାହ୍ନରେ ଡାମୁଣୀଗାଁ ମୁଖ୍ୟରାସ୍ତାର ଗ୍ରାନାଇଟ ଫ୍ୟାକ୍ଟ୍ରି ନିକଟରେ ଥିବା ତେନ୍ତୁଳି ଗଛକୁ କାର ଧକ୍କା ଦେଇଥିଲା । ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଚାଳକ ଫେରାର ହୋଇଯାଇଥିଲେ। ତେବେ ଗାଡିଟି କିଏ ଚଳାଉଥିଲା ଏବଂ ଏଥିରେ କିଏ ବସିଥିଲା ତାହା ଜଣାପଡ଼ିନାହିଁ। ଦୁର୍ଘଟଣା ଘଟିବା ପରେ ସମସ୍ତେ ଗାଡି ଛାଡି ଚାଲିଯାଇଥିବା ପୋଲିସ ଅନୁମାନ କରୁଛି । ଖବରପାଇ ପାରଳାଖେମୁଣ୍ଡି ଥାନା ଅଧିକାରୀ ବିବେକାନନ୍ଦ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ସୁନୀଲ କୁମାର ଦଳେଇ ପହଞ୍ଚି ଗାଡିଟିକୁ କ୍ରେନ୍ ସାହାଯ୍ୟରେ ବାହାର କରି ଜବତ କରିଥିଲେ।

### ଅବ୍ୟବସ୍ଥାରେ ଜଳଛତ୍ର

ଟିକିରି, ୨୨।୫ (ଡି.ଏନ୍.ଏ.)- କାଶୀପୁର ବ୍ଲକର ବିଭିନ୍ନ ସ୍ଥାନରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଜଳଛତ୍ର ଖୋଲାଯାଉଛି। କିନ୍ତୁ କିଛି ସ୍ଥାନରେ ଥିବା ଜଳଛତ୍ରର ରକ୍ଷଣାବେକ୍ଷଣ ଅଭାବରୁ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ଲୋକେ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ସେହିପରି ଅଧିକାଂଶ ଜଳଛତ୍ର ଖୋଲା ଅବସ୍ଥାରେ ରହିଛି। ଜଳଛତ୍ରସ୍ଥାନରେ କେହି ରହୁ ନ ଥିବାରୁ ଗାଈଗୋରୁଙ୍କ ଅବାଧ ପ୍ରବେଶ ରହୁଛି। ଆଉ ମଧ କିଛି ଲୋକ ପିଇବା ପାଣିରେ ମୁହଁ ହାତଗୋଡ ଧୋଇବାରେ ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ଟିକିରି ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଜଳଛତ୍ରକୁ ପରିବା ବ୍ୟବସାୟୀମାନେ ଅକ୍ତିଆର କରିଥିବାରୁ ବ୍ୟବହାର ଉପଯୋଗୀ ହୋଇପାରୁ ନାହିଁ। ସ୍ଥାନୀୟ ପଞ୍ଚାୟତ ଏବଂ ପୋଲିସ ଥାନା ପକ୍ଷରୁ ରାସ୍ତାର ଉଭୟ ପାର୍ଶ୍ୱରେ ଦୁଇଟି ଜଳଛତ୍ର ଖୋଲାଯାଇଛି। କିନ୍ତୁ ପାଣି ମାଠିଆ ନିକଟରେ କେହି ପରିବା ଗଦା କରୁଥିବା ଦେଖିବାକୁ ମିଳୁଛି। ପାଣି ମାଠିଆକୁ ସଫାସୁତରା ରଖିବା ସହ ପାନୀୟ ଉପଯୋଗୀ ବିଶୁଦ୍ଧ ଜଳ ଯୋଗାଇବାରେ ଦାବି କରାଯାଉଛି।

### ଗୁଡାରୀରେ ମାଟ୍ରିକ୍ ରେଜଲ୍ଟ ନୈରାଶ୍ୟଜନକ

ଗୁଡାରୀ, ୨୨।୫(ଡି.ଏନ୍.ଏ.)-ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଗୁଡାରୀ ବ୍ଲକରେ ଫଳାଫଳ ନୈରାଶ୍ୟଜନକ ରହିଛି। ଗୁଡାରୀ ସରକାରୀ ହାଇସ୍କୁଲର ପରୀକ୍ଷା ଦେଇଥିବା ୧୫୩ ଜଣଙ୍କ ମଧ୍ୟରୁ ୮୦ଜଣ (୫୨.୨୫%) ପାସ କରିଥିବାବେଳେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ (ଏସଏସଡି) ବିଦ୍ୟାଳୟର ୮୫ରୁ ୬୫(୭୬.୪୭%) ଛାତ୍ରୀଛାତ୍ର ପାସ୍ କରିଛନ୍ତି। ହାଇସ୍କୁଲରୁ ୪୩ରୁ ୨୯, ଭୁରୁକୁଡୁ ହାଇସ୍କୁଲରେ ୪୦ରୁ ୨୩ ଏବଂ ଲୋକନାଥପୁର ହାଇସ୍କୁଲରେ ୩୮ ଜଣରୁ ୧୩ ଜଣ ପାସ୍ କରିଛନ୍ତି। ଏତଦ୍‌ବ୍ୟତୀତ ବ୍ଲକର ଅନ୍ୟ ଅପଗ୍ରେଡ ହାଇସ୍କୁଲରେ ଫଳାଫଳ ନୈରାଶ୍ୟଜନକ ହୋଇଛି। ସେହିଭଳି ସମ୍ବରଲେଣ୍ଡି ୟୁଜିଏଚ୍‌ଏସ୍‌ରେ ରେଜଲ୍ଟ ଶୂନ ହୋଇଥିବାବେଳେ ଅସଡା ୟୁଜିଏଚଏସ୍‌ରେ ୨୨ଜଣ ପିଲାଙ୍କ ମଧ୍ୟରୁ ୬ଜଣ ଓ କଦମା ୟୁଜିଏଚ୍‌ଏସ୍‌ରେ ୨୨ଜଣରୁ ୫ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି।

# ଭାଗ୍ୟଫଳ ପାଇଁ ବଢୁଛି ପ୍ରାର୍ଥୀଙ୍କ ହୃଦ୍‌ସ୍ପନ୍ଦନ

## ସପରିବାର ମନ୍ଦିରରେ ପୂଜାର୍ଚ୍ଚନା ସହ ଅଖଣ୍ଡ ଦୀପ ଜାଳୁଛନ୍ତି

**ସୁରକ୍ଷା ବ୍ୟବସ୍ଥା ତଦାରଖ କଲେ ଜିଲାପାଳ, ପୋଲିସ ଅଧିକାରୀ**



ରାୟଗଡା ଅଫିସ୍, ୨୨।୫

ଆଉ କିଛି ଘଣ୍ଟାର ବ୍ୟବଧାନ ପରେ ନେତାଙ୍କ ଭାଗ୍ୟ ପେଡି ଖୋଲିବ। ପ୍ରକାଶ ପାଇବ ୨୦୧୯ ସାଧାରଣ ନିର୍ବାଚନ ଫଳାଫଳ। ତେବେ ପ୍ରାର୍ଥୀଙ୍କ ହୃଦ୍‌ସ୍ପନ୍ଦନ ବଢିବାରେ ଲାଗିଛି। ଗୁରୁବାର ଘୋଷଣା ହେବ ୨୦୧୯ ସାଧାରଣ ନିର୍ବାଚନ ଫଳାଫଳ। ଏହା ପୂର୍ବରୁ ବିଭିନ୍ନ ଦଳର ନେତା ସପରିବାର ସହ ଏବେ ରାୟଗଡ଼ାର ବିଭିନ୍ନ ମନ୍ଦିରରେ ପୂଜାପାଠ କରୁଥିବା ଦେଖାଯାଇଛି। ଏଣେ ପ୍ରଶାସନ ପକ୍ଷରୁ ମଧ ଗଣତି ପାଇଁ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। ବୁଧବାର ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ଓ ପୋଲିସ ବିଭାଗର ବରିଷ୍ଠ ଅଧିକାରୀମାନେ ଗଣତିକେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥା ତଦାରଖ କରିଛନ୍ତି।

ପ୍ରକାଶ ଯେ, ସକାଳ ୮ଟାରୁ ଗଣତି ଆରମ୍ଭ ହୋଇ ପର୍ଯ୍ୟାୟକ୍ରମେ ଫଳାଫଳ ଘୋଷଣା କରାଯିବ। ରାୟଗଡାସ୍ଥିତ ଜିସିଡି ଉଚ୍ଚ ବିଦ୍ୟାଳୟରେ ରାୟଗଡା ବିଧାନସଭା ନିର୍ବାଚନମଣ୍ଡଳୀ ଏବଂ କୋରାପୁଟ ଲୋକ ସଭା ମଣ୍ଡଳୀର କିଛି ଭୋଟ ଗଣତି କରାଯିବ। ସେହିଭଳି ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଗୁଣପୁର ଓ ବିଷମକଟକ ବିଧାନସଭା ନିର୍ବାଚନୀମଣ୍ଡଳ ସହ କୋରାପୁଟ ଲୋକ ସଭାର କିଛି ଭୋଟ ଗଣାଯିବ। ରାୟଗଡାରେ ରାୟଗଡା ନିର୍ବାଚନମଣ୍ଡଳୀର ୨୯୮ଟି ବୁଥ୍‌ର ଗଣତି କରାଯିବ। ୭ଟି ଟେବୁଲରେ ୪୩ ରାଉଣ୍ଡରେ ଏହି ଗଣତି ହେବ। ସେହିଭଳି ଗୁଣପୁର ଓ ବିଷମକଟକ ନିର୍ବାଚନ ମଣ୍ଡଳୀ ପାଇଁ ୧୦ଟି ଲେଖାଏଁ ଟେବୁଲରେ ଗଣତ ହେବ। ଏଥିପାଇଁ କାଉଣ୍ଟିଂ ସୁପରଭାଇଜର ଏବଂ ମାଇକ୍ରୋ ସୁପରଭାଇଜରଙ୍କୁ ପୂର୍ବରୁ ତାଲିମ ଦିଆଯାଇଛି। ଗୁରୁବାର ଭୋର ୫ଟା ସମୟରେ ସମସ୍ତେ ଗଣତି କେନ୍ଦ୍ରକୁ ଯିବେ। ସେହିଭଳି ପ୍ରାର୍ଥୀ କିମ୍ବା ପ୍ରାର୍ଥୀଙ୍କ ଏଜେଣ୍ଟ ମଧ ପ୍ରତି ଟେବୁଲରେ ରହିପାରିବେ। ଥରେ ଗଣତି କେନ୍ଦ୍ରକୁ ପ୍ରବେଶ କରିବା ପରେ ପ୍ରାର୍ଥୀ କିମ୍ବା ପ୍ରାର୍ଥୀଙ୍କ ଏଜେଣ୍ଟ ଆଉ ବାହାରକୁ ଯାଇପାରିବେ ନାହିଁ। ଯଦି ଯିବେ ଆଉ ଭିତରକୁ ପ୍ରବେଶ କରାଯିବ ନାହିଁ। ପ୍ରତି ଗଣତି କେନ୍ଦ୍ରରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ଏସ୍‌ପି ଡା. ସର୍ବଣା ବିବେକ ଏମ୍ କହିଛନ୍ତି। ଗଣତି କେନ୍ଦ୍ର ପରିସରକୁ ମୋବାଇଲ, ଘଣ୍ଟା ଓ ଅନ୍ୟାନ୍ୟ ଇଲୋକ୍ଟ୍ରୋନିକ ସାମଗ୍ରୀ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ଗଣମାଧ୍ୟମ ପ୍ରତିନିଧିମାନେ କେବଳ କ୍ୟାମେରା ବ୍ୟବହାର କରିପାରିବେ। ଅପରପକ୍ଷରେ ନିର୍ବାଚନ ଗଣତିକୁ ନେଇ ପ୍ରାର୍ଥୀମାନଙ୍କ ହୃଦୟସ୍ପନ୍ଦନ ବଢ଼ିଯାଇଛି। ପ୍ରାର୍ଥୀମାନେ ରାୟଗଡାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ଠାରୁ ଆରମ୍ଭକରି ବାଲୁଙ୍କେଶ୍ୱର ମନ୍ଦିର, ପାଇକପଡାର ପାତାଳେଶ୍ୱର ଓ ଦକ୍ଷିଣକାଳୀ ମନ୍ଦିର, ଚାଟିକଣାର ପାତାଳେଶ୍ୱର ଓ ବିଷମକଟକର ମା' ମାର୍କମା ମନ୍ଦିର, ପଦ୍ମପୁରର ନୀଳକଣ୍ଠେଶ୍ୱର ମନ୍ଦିର ସମେତ ଜିଲାର ସବୁ ପ୍ରସିଦ୍ଧ ଶୈବ ଓ ଦେବୀପୀଠରେ ପ୍ରାର୍ଥୀ, ସେମାନଙ୍କ ପରିବାର ଓ ସମର୍ଥ ଅଖଣ୍ଡ ଦୀପ ସହ ଅଭିଷେକ କରୁଥିବା ଦେଖିବାକୁ ମିଳିଛି।

### କିଏ ପିନ୍ଧିବ ବିଜୟ ମୁକୁଟ

ପଦ୍ମପୁର, ୨୨।୫(ଡି.ଏନ୍.ଏ.)

ଗୁରୁବାର ଭୋଟ ଫଳାଫଳ ବାହାରିବାକୁ ଥିବାବେଳେ ଗୁଣପୁର ନିର୍ବାଚନମଣ୍ଡଳୀରେ ଚଳିତ ବର୍ଷ ନେତାଙ୍କ ଭାଗ୍ୟ ରୋଚକ ମୋଡ଼ ନେବ ବୋଲି ଆଲୋଚନା ହେଉଛି। ପ୍ରତ୍ୟେକ ବିଧାୟକ ପ୍ରାର୍ଥୀ ଜିତିବା ନେଇ ଜେତେ ଦମ୍ଭ ପ୍ରକାଶ କରୁଥିଲେ ମଧ ହାରିବାର ବିଭ୍ରାନ୍ତ ମନକୁ ଭାରକ୍ରାନ୍ତ କରୁଛି। ବିଜେଡିର ରଘୁନାଥ ଗମାଙ୍ଗ ନବୀନଙ୍କ ଭାବମୂର୍ତ୍ତି ଓ ମହିଳା ଭୋଟରଙ୍କ ମତଦାନକୁ ନେଇ ଜିତିବାର ଆଶା ରଖିଛନ୍ତି। ବିଜେଡିରୁ ଟିକେଟ ନ ପାଇ ସ୍ୱାଧରନଭାବେ ହାଣ୍ଡି ଚିହ୍ନକୁ ନେଇ ନିର୍ବାଚନ ମଇଦାନକୁ ଓହ୍ଲାଇ ଥିବାବେ, ସେ ମଧ ବିଜୟ ମୁକୁଟ ପିନ୍ଧିବା ଆଶା ରଖିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କ ପୁଅ ଶିଶିର ଗମାଙ୍ଗ ଭାଜପା ଟିକେଟ ପାଇଥିବାବେଳେ ସେ ମଧ ଜିତିବା ଆଶା ରଖିଛନ୍ତି। ଏଣେ ଦୁଇଜଣଙ୍କ କଳିରେ ତୃତୀୟ ଜଣଙ୍କ ଭାଗ୍ୟ କାଳେ ଖୋଲିବା ଆଶାରେ ଏବେ କଂଗ୍ରେସର ପୁରୁଷୋତ୍ତମ ଗମାଙ୍ଗ। ତେବେ ଯିଏ ବି ଜିତୁ ଗମାଙ୍ଗ ପରିବାରର ନାଁ ହିଁ ରହିବ ବୋଲି ଆଲୋଚନା ହେଉଛି। ତେବେ କିଏ ବିଜୟ ମୁକୁଟ ପିନ୍ଧିବ ତାହା ଦେଖିବାକୁ ବାକି ରହିଲା।

■ ଜନ୍ମକରି ଆରପାରିକୁ ଚାଲିଗଲେ ମା', ରଖିଲେନି ସାବତ ମା'

### ୭ ଦିନର କନ୍ୟାକୁ ସିଡବ୍ଲ୍ୟୁସିକୁ ଟେକିଦେଲେ ବାପା

ପାରଳାଖେମୁଣ୍ଡି,୨୨।୫(ସ୍ୱ.ପ୍ର.)

ଜନ୍ମକରି ଆରପାରିକୁ ଚାଲିଗଲେ ମା'। ଲାଳନ ପାଳନ କରି ନ ପାରି ୭ ଦିନର ଶିଶୁକନ୍ୟାକୁ ଶିଶୁକଲ୍ୟାଣ ସମିତିକୁ ହସ୍ତାନ୍ତର କଲେ ବାପା ଓ ସାବତ ମା'। ଗଜପତି ଜିଲା ନୂଆଗଡ ବ୍ଲକ ତଥା ଆର୍.ଉଦୟଗିରି ଥାନା ଅନ୍ତର୍ଗତ ବାଘସିଂ ସାହିରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଏହି ସାହିର ଜଣେ ବ୍ୟକ୍ତିଙ୍କ ପ୍ରଥମ ସ୍ତ୍ରୀ ଗତ ୧୬ ତାରିଖରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ଏହା ପରଦିନ ମହିଳା ଜଣକ ପ୍ରାଣ ହରାଇଥିଲେ । ଦ୍ୱିତୀୟ ସ୍ତ୍ରୀଙ୍କ ସନ୍ତାନ ରହିଥିବାରୁ ସେ ଛୁଆକୁ ଲାଳନ ପାଳନ କରିବା ପାଇଁ ଅସମର୍ଥ ଥିବା କହିଥିଲେ। ଏହାପରେ ନୂଆଗଡ ବ୍ଲକର ଅଙ୍ଗନବାଡି ସୁପରଭାଇଜରଙ୍କ ସହଯୋଗରେ ଶିଶୁଟିକୁ ବାପା ଓ ସାବତ ମା ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଟେକିଦେଇଛନ୍ତି। । ସିଡ଼ବ୍ଲ୍ୟୁସି ଶିଶୁଟିକୁ ସ୍ଥାନୀୟ ପୋଷ୍ୟସନ୍ତାନ ସଂସ୍ଥାକୁ ପଠାଇଥିବା ଜିଲା ଶିଶୁ କଲ୍ୟାଣ ସମିତିର ଅଧକ୍ଷ ବିନୋଦ ଚନ୍ଦ୍ର ଜେନା କହିଛନ୍ତି।

### ସିଙ୍ଗାପୁରରେ ଓଡ଼ିଶୀନୃତ୍ୟ ପ୍ରଦର୍ଶନ କରିବେ ପାରଳାଖେମୁଣ୍ଡି ଝିଅ

ପାରଳାଖେମୁଣ୍ଡି, ୨୨।୫(ସ୍ୱ.ପ୍ର.)



ସିଙ୍ଗାପୁରଠାରେ ଚଳିତ ମାସ ୨୩ ରୁ ୨୬ ପର୍ଯ୍ୟନ୍ତ ୫ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଅନ୍ତର୍ଜାତୀୟ ଓଡିଶୀ ନୃତ୍ୟ ଉତ୍ସବରେ ଭାଗ ନେଇଛନ୍ତି ପାରଳାଖେମୁଣ୍ଡିର ଶ୍ରୀ ଜଗନ୍ନାଥ ଓଡିଶୀ କଳାକେନ୍ଦ୍ରର ସଂସ୍ଥାପିକା ଓ ନିର୍ଦ୍ଦେଶିକା ଡି. ପ୍ରିୟଙ୍କା। ତ୍ରିଧାରା ଡ୍ୟାନ୍ସ ଏକାଡେମୀ ଭୁବନେଶ୍ୱର ତରଫରୁ ଖ୍ୟାତନାମା ନୃତ୍ୟଗୁରୁ ଡ. ଗଜେନ୍ଦ୍ର କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ପ୍ରିୟଙ୍କା ଏହି ସମ୍ମାନଜନକ ନୃତ୍ୟ ଉତ୍ସବରେ ଓଡିଶୀ ନୃତ୍ୟ ପରିବେଷଣ କରିବେ । ଏଥପାଇଁ ପ୍ରିୟଙ୍କା ସିଙ୍ଗାପୁରରେ ପହଞ୍ଚିଛନ୍ତି। ଏହି ସଫଳତା ପାଇଁ ପାରଳାଖେମୁଣ୍ଡିର ସମସ୍ତ ଶିକ୍ଷାନୁଷ୍ଠାନ, ସାହିତ୍ୟ ଓ ସାରସ୍ୱତ ପ୍ରତିଷ୍ଠାନର ସମସ୍ତ କର୍ମକର୍ତ୍ତା, ବୁଦ୍ଧିଜୀବୀ ତଥା କଳାକାର ପ୍ରିୟଙ୍କାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବିଶେଷ କରି ପିତାମାତା ଓ ଗୁରୁ ଗଜେନ୍ଦ୍ର କୁମାର ପଣ୍ଡାଙ୍କ ସମୟୋଚିତ ପ୍ରେରଣା ଓ ପ୍ରୋତ୍ସାହନ କେବେ ଭୁଲିପାରିବେନି ବୋଲି ପ୍ରିୟଙ୍କା ଗଣମାଧ୍ୟମକୁ ଜଣାଇଛନ୍ତି । ପ୍ରିୟଙ୍କା ଅନ୍ତର୍ଜାତୀୟ ସ୍ତର ନୃତ୍ୟ ଉତ୍ସବରେ ତୃତୀୟଥର ପାଇଁ ଭାଗ ନେଉଥିବା ଜଣାପଡିଛି ।

### ପଠନ ଦକ୍ଷତା ବୃଦ୍ଧି ପାଇଁ 'ଖରା' କାର୍ଯ୍ୟକ୍ରମ



ପିଲାମାନେ ନିଜ ଚିତ୍ରକଳା ଦେଖାଉଛନ୍ତି।

ମୁନିଗୁଡ଼ା, ୨୨।୫(ଡି.ଏନ୍.ଏ.)

ଶିଶୁମାନଙ୍କ ମଧ୍ୟରେ ପଠନ ଦକ୍ଷତା ବୃଦ୍ଧି କରିବା ପାଇଁ ରାୟଗଡ଼ା ଜିଲା ମୁନିଗୁଡ଼ାରେ ସ୍ଥାନୀୟ ଶିକ୍ଷା ସନ୍ଧାନ ଅନୁଷ୍ଠାନ 'ଖରା' ଶୀର୍ଷକରେ ଏକ ସୃଜନଶୀଳ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ମଙ୍ଗଳବାର ତେଲେଙ୍ଗାପଦର ପଞ୍ଚାୟତ ମଧୁମୁଣ୍ଡା ଗାଁରେ କୁନିକୁନି ପିଲାମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ କରାଯାଇଛି। ବୁଧବାର କୁମୁଡ଼ାବାଲି ପଞ୍ଚାୟତ ଖଜୁରୀପଦର ଗାଁରେ ଅନୁରୂପ କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ପିଲାମାନେ ଚିତ୍ରାଙ୍କନ କରିଥିଲେ। ଗୁଣନିଧି ସାହୁକାର ଏବଂ ତ୍ରିପତି କିଲକାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରକଳ୍ପ ଅଧିକାରୀ ଚନ୍ଦନ କୁମାର ସିଂହ, ଜିଲା ସଂଯୋଜକ ଅନନ୍ତ ସାମନ୍ତଙ୍କ ସମେତ ଗ୍ରାମର ଛାତ୍ରୀଛାତ୍ର,ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ପୂର୍ବରୁ ବିଷମକକଟକ ବ୍ଲକ ଡାକୁଲୁଗୁଡ଼ାରେ ଆୟୋଜିତ କାର୍ଯ୍ୟକ୍ରମର ସଫଳତାକୁ ଦୃଷ୍ଟିରେ ରଖି ମୁନିଗୁଡ଼ା ସମେତ ଚନ୍ଦ୍ରପୁର ଏବଂ ଅନ୍ୟ ସ୍ଥାନରେ ଏହି କାର୍ଯ୍ୟକ୍ରମ କରାଯିବ ବୋଲି ଡ.ସିଂହ କହିଛନ୍ତି।

### ଗଜପତିର ୧୦ ସ୍କୁଲରେ ମାଟ୍ରିକ ଫଳ ଶୂନ

ପାରଳାଖେମୁଣ୍ଡି, ୨୨।୫(ସ୍ୱ.ପ୍ର.)

ଚଳିତ ମାଟ୍ରିକ୍ ପରୀକ୍ଷାଫଳ ନୈରାଶ୍ୟଜନକ ହୋଇଥିବା ବେଳେ ରାଜ୍ୟରେ ୮୨ଟି ବିଦ୍ୟାଳୟରେ ଫଳାଫଳ ଶୂନ ରହିଛି। ସେଥିରୁ ଗଜପତି ଜିଲାର ୧୦ଟି ବିଦ୍ୟାଳୟରେ ଫଳ ଶୂନ ରହିଛି । ଏହି ସ୍କୁଲ ଗୁଡ଼ିକ ହେଲା ଏହି ବିଦ୍ୟାଳୟ ଗୁଡିକ ମଧ୍ୟରେ ଲୋବାର ସରକାରୀ ୟୁ.ଜି. ଉଚ୍ଚ ବିଦ୍ୟାଳୟ, ମଙ୍ଗରାଜପୁର ୟୁ.ଜି. ଉଚ୍ଚ ବିଦ୍ୟାଳୟ, ବାଘମାରି ୟୁ.ଜି. ଉଚ୍ଚ ବିଦ୍ୟାଳୟ, ଡମ୍ବାଗୁଡା ୟୁ.ଜି. ଉଚ୍ଚ ବିଦ୍ୟାଳୟ, ରାଇପଙ୍କା ୟୁ.ଜି. ଉଚ୍ଚ ବିଦ୍ୟାଳୟ, ବୃଷଭ ୟୁ.ଜି. ଉଚ୍ଚ ବିଦ୍ୟାଳୟ, ଚମ୍ପାପୁର ୟୁ.ଜି. ଉଚ୍ଚ ବିଦ୍ୟାଳୟ, ଅଙ୍ଗଡା ୟୁ.ଜି. ଉଚ୍ଚ ବିଦ୍ୟାଳୟ, ପାଡିଗାଁ ୟୁ.ଜି. ଉଚ୍ଚ ବିଦ୍ୟାଳୟ ଓ ତରଭଙ୍ଗା ୟୁ.ଜି. ଉଚ୍ଚ ବିଦ୍ୟାଳୟର ଫଳ ଶୂନ ରହିଛି। ଏହି ୧୦ଟି ବିଦ୍ୟାଳୟରେ ମୋଟ ୭୧ଜଣ ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷାଫଳକୁ ଦେଖିଲେ ଜିଲାରେ ଶିକ୍ଷା ବ୍ୟବସ୍ଥା କିପରି ଚାଲିଛି ତାହା ସ୍ପଷ୍ଟ ହେଉଛି। ଜିଲାରେ ମୋଟ ପାସ୍‌ହାର ୬୩.୬୫ ରହିଥିବାବେଳେ ଗ୍ରେଡ ଏ୧ରେ ଜଣେ, ଗ୍ରେଡ ଏ୨ରେ ୩ଜଣ, ଗ୍ରେଡ ବି୧ରେ ୩୦ଜଣ, ଗ୍ରେଡ ବି୨ରେ ୧୯୫ଜଣ ଏଭଳି ଅନ୍ୟାନ୍ୟ ଗ୍ରେଡ୍‌କୁ ମିଶାଇ ମୋଟ ୪୬୭ଜଣ ପାସ୍ ହୋଇଛନ୍ତି। ଅନ୍ୟପକ୍ଷରେ ଜିଲାର ୫ଟି ବିଦ୍ୟାଳୟର ପାସ୍‌ହାର ଶତପ୍ରତିଶତ ରହିଛି । ଏହି ବିଦ୍ୟାଳୟ ଗୁଡ଼ିକ ହେଲା ଯୋଡାମ୍ବ ସରକାରୀ ୟୁ.ଜି. ଉଚ୍ଚ ବିଦ୍ୟାଳୟ, ଗୋଠକେଳି ସରକାରୀ ୟୁ.ଜି. ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡିର ଅରବିନ୍ଦ ଇଣ୍ଟିଗ୍ରାଲ୍ ଏଜୁକେଶନ ସେଣ୍ଟର, ପାରଳାଖେମୁଣ୍ଡିର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ଅଙ୍କୁରୁ ସରକାରୀ ୟୁ.ଜି. ଉଚ୍ଚ ବିଦ୍ୟାଳୟ।

### ସାମୂହିକ ବ୍ରତୋପନୟନ



ପିଲାମାନଙ୍କୁ ବ୍ରତ କରାଯାଉଛି।

**ଉପବୀତ ଧାରଣ କଲେ ୨୭ କିଶୋର**

ଜେକେପୁର, ୨୨।୫(ଡି.ଏନ୍.ଏ)

ରାୟଗଡା ଜିଲା କୁମୁଟିପେଣ୍ଠ ପଞ୍ଚାୟତ ସଦରରେ କଳିଙ୍ଗ ବୈଶ୍ୟ ସମାଜ ପକ୍ଷରୁ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ନୀଳକଣ୍ଠେଶ୍ୱର ଶିବ ମନ୍ଦିରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୈଶ୍ୟ ସମାଜର ୨୭ଜଣ କିଶୋରଙ୍କୁ ବ୍ରତ କରାଯାଇଛି। ଜେକେପୁର, କୋଟାପେଟା, କୁମୁଟିପେଣ୍ଠ, ରାୟଗଡା ତଥା ପଡୋଶୀ କୋରାପୁଟ ଜିଲାର ୨୭ଟି ପରିବାରର ପିଲାମାନେ ଏହି କାର୍ଯ୍ୟକ୍ରମରେ ବ୍ରତ ଉପବୀତ ଧାରଣ କରିଥିଲେ ବୋଲି ସଭାପତି କେ.ସୀମାଞ୍ଚଳ ଜଣାଇଛନ୍ତି। ଲାଡି ଶ୍ରୀନୁ, ଟି.ନୀଳକଣ୍ଠ, ରାମକ୍ରିଷ୍ଣା ଶର୍ମା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପରେ ଅନ୍ନପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

### ଫନୀ କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ

ଗୁଣପୁର,୨୨।୫(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁର ଉପଖଣ୍ଡର ପ୍ରାଣୀଧନ କର୍ମଚାରୀମାନେ ଫନୀ କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ କରିଛନ୍ତି। ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ବୁଧବାର ପ୍ରାଣୀଧନ କାର୍ଯ୍ୟାଳୟ କର୍ମଚାରୀମାନେ ୬୩,୫୦୦ ଟଙ୍କା ପ୍ରଦାନ କରିଛନ୍ତି। ଏହି ଅବସରରେ ଉପଖଣ୍ଡ ପ୍ରାଣୀଧନ ଅଧିକାରୀ ଡ.ଆଶିଷ କୁମାର ବିଶ୍ୱାଳ ଉପସ୍ଥିତ ଥିଲେ।



ଉପଜିଲାପାଳ ସହାୟତା ରାଶି ଗ୍ରହଣ କରୁଛନ୍ତି।

### ହାଟଘର ଦାବି କରୁଛନ୍ତି ବ୍ୟବସାୟୀ



ଆର.ଉଦୟଗିରି ହାଟ ।

ପାରଳାଖେମୁଣ୍ଡି, ୨୨।୫(ସ୍ୱ.ପ୍ର.)

ଗଜପତି ଜିଲା ଆର୍.ଉଦୟଗିରି ବ୍ଲକ୍ ସଦର ମହକୁମା ହେଉଛି ଜିଲାର ଏକ ପ୍ରମୁଖ ସହର। ଏଠାରେ ଉପଖଣ୍ଡ ସ୍ତରୀୟ ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ଅନୁଷ୍ଠାନ ରହିଛି । ଏପରିକି ଏହା ଜିଲାର କେନ୍ଦ୍ରସ୍ଥଳୀ ହୋଇଥିବା ଯୋଗୁ ଏଠାରେ ରହିଥିବା ହାଟରେ ବେଶ୍ ଭଲ ବ୍ୟବସାୟ ହୁଏ। ଏପରିସ୍ଥଳେ ଏଠାରେ ସାପ୍ତାହିକ ହାଟ ହୁଏ । ପ୍ରତି ସୋମବାର ନୂଆଗଡ ବ୍ଲକ୍‌ରୁ ମଧ ହଜାର ହଜାର ଲୋକ ବ୍ୟବସାୟ ପାଇଁ ଆସୁଥିବା ବେଳେ ଗଞ୍ଜାମ ଜିଲାର ବ୍ରହ୍ମପୁରୁ, ଆସ୍କା, ଦିଗପହଣ୍ଡି, ମୋହନା, ପାରଳାଖେମୁଣ୍ଡି ଆଦି ଅଞ୍ଚଳରୁ ମଧ ଶହଶହ ବ୍ୟବସାୟୀ ଆସିଥାନ୍ତି । ହେଲେ ଏଠାକାର ମୁଖ୍ୟ ସମସ୍ୟା ହେଲା ସପ୍ତାହିକ ହାଟଘର ଅଭାବ। ପୁରୁଣା ହାଟଘର ରହିଥିବାବେଳେ ଏହାର ପ୍ରଶସ୍ତିକରଣ କରାଯାଉନାହିଁ । କେବଳ ଦୁଇଟି ନୂଆ ପିଣ୍ଡି ଛଡା ଆଉ କିଛି ନାହିଁ। ପୁଣି ଏହି ହାଟ ମୁଖ୍ୟ ରାସ୍ତାକଡରେ ରହିଛି। ସୋମବାର ଆସିଲେ ପ୍ରବଳ ଭିଡ ଏବଂ ହାଟରେ ସ୍ଥାନ ନଥିବା ଯୋଗୁ ବ୍ୟବସାୟୀମାନେ ଜାତୀୟ ରାଜପଥ ଦୁଇ କଡରେ ପ୍ରାୟ ଅଧା କି.ମି. ପର୍ଯ୍ୟନ୍ତ ନିଜର ପସରା ପକାଇବାକୁ ବାଧ ହେଉଛନ୍ତି । ଏପରିକି ମୁଖ୍ୟରାସ୍ତା ଅବରୋଧ ଏବଂ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସ୍ଥାନରେ ପସରା ପକାଇବା ଦ୍ୱାରା ଯାତାୟତରେ ଅନେକ ଅସୁବିଧା ଏବଂ ଦୁର୍ଘଟଣା ଘଟୁଛି । ତେଣୁ ହାଟ ପ୍ରଶସ୍ତିକରଣ କରି ପସରାବାଲାଙ୍କୁ ଉପଯୁକ୍ତ ସ୍ଥାନ ଯୋଗାଇବା ସହ ସ୍ୱତନ୍ତ୍ର ହାଟଘର ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ସ୍ଥାନୀୟ ସମିତି ତଥା ବ୍ଲକ୍ ଉପାଧ୍ୟକ୍ଷ ନବୀନ ରଇତ ଆଗାମୀ ଦିନରେ ଏନେଇ ସମସ୍ତ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

### ମସୁରିପଦର ଗାଁରେ ବାଲିଯାତ୍ରା

ଟିକିରି, ୨୨।୫ (ଡି.ଏନ୍.ଏ.)



ବେଜୁଣୀମାନେ ମାନସିକଧାରୀଙ୍କୁ ଆଶୀର୍ବାଦ ଦେଉଛନ୍ତି।

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଡୁଡୁକାବାହାଲ ପଞ୍ଚାୟତ ମସୁରିପଦର ଗ୍ରାମରେ ଆଦିବାସୀମାନଙ୍କ ବାଲିଯାତ୍ରା ପର୍ବ ଆରମ୍ଭ ହୋଇଛି। ଏଥିରେ ଗ୍ରାମର ବେଜୁଣୀମାନେ ଗ୍ରାମର ଗୁଡିପୀଠରେ ପୂଜାପାଠ କରିବା ସହ ବାଲିଫୁଲ ପ୍ରତିଷ୍ଠା କରିଥିଲେ। ସେଥିରେ ମକା, ମାଣ୍ଡିଆ, ଗହମ ଚାରା ପକାଇ ଚାଙ୍ଗୁଡିରେ ବାଲି ଭର୍ତ୍ତିକରି ଗଜା କରିଥିଲେ। ଗ୍ରାମର ବେଜୁଣୀମାନେ ଗୀତ ଗାଇ ନାଚିବା ପରେ ବିଭିନ୍ନ ଘରୁ ଆସିଥିବା ଚାଉଳ, ନଡ଼ିଆ, କଦଳୀ, ଫୁଲ ଧରି ଗାଁ ଗୁଡିପୀଠରେ ପହଞ୍ଚି ପୂଜାପାଠ କରିଥିଲେ। ବେଜୁଣୀମାନେ ମାନସିକଧାରୀଙ୍କୁ ଆଶୀର୍ବାଦ ପ୍ରଦାନ ପୂର୍ବକ ତାଙ୍କ ଉପରେ ଚଢିଥିଲେ। ଏହା ଦ୍ୱାରା ସେମାନଙ୍କ ଶରୀର ସୁସ୍ଥ ରହେ ବୋଲି ବିଶ୍ୱାସ ରହିଛି। ଯାତ୍ରା ସମୟରେ ଗ୍ରାମରେ ବହୁ ଲୋକଙ୍କୁ ଉପସ୍ଥିତ ଥିଲେ। ଗ୍ରାମର ଦିଶାରୀ ପବିତ୍ର ମାଝି, ବେଜୁଣୀ ମାଲେମେ ମାଝି, ଜୁଲମେ ମାଝି, ଗାରାଇ ମାଝି, ମହାରତ ମାଝି, ଗାରାଇ ମାଝି, ମହାରତ ମାଝି, ଦୀପ ମାଝି, ସାନେ ମାଝିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ



### ଫନୀ କ୍ଷତିଗ୍ରସ୍ତଙ୍କୁ ସହାୟତା

**ଡାବୁଗାଁ, ୨୨।୫(ଡି.ଏନ୍.ଏ.):** ଫନୀ ପ୍ରଭାବିତଙ୍କୁ ନବରଙ୍ଗପୁର ଜିଲା ଡାବୁଗାଁ ଗୋଷ୍ଠୀ ଶିକ୍ଷା ବିଭାଗ ସହାୟତା ପ୍ରଦାନ କରିଛି। ବିଇଓ ପ୍ରଶାନ୍ତ କୁମାର ହୋତା ଓ ଏବିଇଓ ମହେଶ ଚନ୍ଦ୍ର ସାହା ମଙ୍ଗଳବାର ଜିଲାପାଳ ଅଜିତ କୁମାର ମିଶ୍ରଙ୍କୁ ୧ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି।

# ଆଜି ଗଣତି, ଖୋଲିବ ପ୍ରାର୍ଥୀଙ୍କ ଭାଗ୍ୟଫଳ

**ଜୟପୁର,୨୨।୫(ଡି.ଏନ୍.ଏ.)**

ଜୟପୁରସ୍ଥିତ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜୟପୁର, କୋଟପାଡ ବିଧାନସଭା ଏବଂ କୋରାପୁଟ ଓ ନବରଙ୍ଗପୁର ଲୋକସଭାର ଭୋଟ ଗଣତି କେନ୍ଦ୍ର ସ୍ଥାପନ କରାଯାଇଛି । ଆସନ୍ତା ଗୁରୁବାର ପୂର୍ବାହ୍ନ ୮ଟାରୁ ଭୋଟଗଣତି ଆରମ୍ଭ କରାଯିବ । ଏଥିପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ୨ ପ୍ଲାଟୁନ କେନ୍ଦ୍ରୀୟ ସୁରକ୍ଷା ବଳ ବିଏସଏଫ ପକ୍ଷରୁ କେନ୍ଦ୍ର ଭିତରେ ରହିଥିବା ଇଭିଏମ ଓ ଭିଭିପିଏଟିର ସୁରକ୍ଷା ଦାୟିତ୍ୱରେ ରହିଥିବା ବେଳେ କେନ୍ଦ୍ରର ମୁଖ୍ୟ ଫାଟକ ଏବଂ ବାହାରେ ୩ ପ୍ଲାଟୁନ ଜିଲା ପୋଲିସର ସଶସ୍ତ୍ର ସୁରକ୍ଷାବଳ ସମୁଦାୟ ୫ ପ୍ଲାଟୁନ ସୁରକ୍ଷାକର୍ମୀ ମୁତୟନ ହୋଇଛନ୍ତି। ଏସଡିପିଓ ସାଗରିକା ନାଥଙ୍କ ନେତୃତ୍ୱରେ ଜୟପୁର ସହରରେ ସ୍ଥାନୀୟ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯିବା ସହ ସାରା ସହରରେ ପୋଲିସ ପଇଁତରା ମାରୁଛି। ବୁଧବାର କେନ୍ଦ୍ରୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ନିଯୁକ୍ତ ପର୍ଯ୍ୟବେକ୍ଷକଙ୍କ ସମେତ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଏସ୍‌ପି କନୱର ବିଶାଲ ସିଂ ପ୍ରମୁଖ ସୁରକ୍ଷା ଓ ପ୍ରସ୍ତୁତିର ତଦାରଖ କରିଥିଲେ । ସିସି କ୍ୟାମେରା ଗଣତି କେନ୍ଦ୍ର ଏବଂ ପରିସର ଉପରେ ୨୪ ଘଣ୍ଟିଆ ନଜର ରଖାଯାଇଛି । ସେହିପରି ଗଣତି କେନ୍ଦ୍ର ଭିତରକୁ ପ୍ରବେଶ ନିମନ୍ତେ ମେଟାଲ ଡିଟକ୍ଟର ମେସିନର ଯାଞ୍ଚ ପରେ ଭିତରକୁ ପ୍ରବେଶ ଅନୁମତି ପ୍ରଦାନ କରାଯାଉଛି । କେନ୍ଦ୍ର ସୁରକ୍ଷା ଦାୟୀକରି ମହାବିଦ୍ୟାଳୟର ମୁଖ୍ୟ ଫାଟକ ଭିତର ଦେଇ କାହାକୁ ମହାବିଦ୍ୟାଳୟ ଭିତରକୁ ଛଡ଼ାଯିବ ନାହିଁ । ଏଥିରେ ଦାୟିତ୍ୱରେ ରହିଥିବା ସରକାରୀ ଅଧିକାରୀ, କର୍ମଚାରୀ ରାଜନୈତିକ ଦଳର ନିଯୁକ୍ତ ଏଜେଣ୍ଟ ଏବଂ ଖବରଦାତାଙ୍କୁ ପ୍ରବେଶ ଅନୁମତି ଦିଆଯାଇଛି । ଉଭୟ ଜୟପୁର, କୋଟପାଡ ବିଧାନସଭା ଏବଂ କୋରାପୁଟ ଓ ନବରଙ୍ଗପୁର ଲୋକସଭା ନିମନ୍ତେ ୧୦ଟି ଗଣତି ଟେବୁଲର ବ୍ୟବସ୍ଥା କରାଯାଇଛି । ଜୟପୁର ନିମନ୍ତେ ୨୩୫ଟି ଭୋଟଦାନ କେନ୍ଦ୍ରର ୨୪ ରାଉଣ୍ଡ ଏବଂ କୋଟପାଡର ୨୪୩ଟି ଭୋଟଦାନ କେନ୍ଦ୍ରର ଇଭିଏମର ଭୋଟ ୨୫ ରାଉଣ୍ଡରେ ଗଣତି କରାଯିବ । ପ୍ରଥମେ ପୋଷ୍ଟାଲ ବ୍ୟାଲଟର ଭୋଟ ଗଣତି ପରେ ଇଭିଏମର ଗଣତି ଆରମ୍ଭ ହେବ ।



ବ୍ରତୋପନୟନ ଅବସରରେ ଚାରିକ୍ରମ କାର୍ଯ୍ୟ କରାଯାଉଛି।

# ସାମୂହିକ ବ୍ରତୋପନୟନ

**ନବରଙ୍ଗପୁର,୨୨।୫(ବି.ପ୍ର.)**

ମା'ଭଣ୍ଡାର ଘରଣୀ କର୍ମକାଣ୍ଡ ପ୍ରଶିକ୍ଷଣ କେନ୍ଦ୍ର ମୁଖ୍ୟ ତଥା ରାଜ ପୁରୋହିତ ନରସିଂହ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ସାମୂହିକ ବ୍ରତୋପନୟନ ସ୍ଥାନୀୟ ବାବା ଆଖଣ୍ଡଳମଣି ମନ୍ଦିରଠାରେ ଦୁଇଦିନ ଧରି ଅନୁଷ୍ଠିତ ହେଉଛି । ବୁଧବାର ଚାରିକର୍ମ ନିତୀ ଓ ଗୁରୁବାର ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ସାମୂହିକ ବ୍ରତୋପନୟନରେ ନବରଙ୍ଗପୁର ଜିଲା ସମେତ କୋରାପୁଟ, ମାଲକାନଗିରି, କଳାହାଣ୍ଡି ଓ ଛତିଶଗଡର ୨୪ ଜଣ ବ୍ରାହ୍ମଣ ପିଲାଙ୍କୁ ବ୍ରତ କରାଯାଉଛି । ଦୁଇଦିନ ଧରି ଅନ୍ନ ପ୍ରସାଦ ବ୍ୟବସ୍ଥା ମଧ୍ୟ କରାଯାଇଛି । ଏହି ସାମୂହିକ ବ୍ରତ ପ୍ରଥମେ ୧୧ ଜଣ ପିଲାକୁ ନେଇ ଆରମ୍ଭ ହୋଇଥିଲା । ଚଳିତ ବର୍ଷ ୨୪ ଜଣଙ୍କୁ ବ୍ରତ କରାଯାଉଛି । ଏହି ବ୍ରତ କାର୍ଯ୍ୟକ୍ରମ ସରିବା ପରେ ନବ ବ୍ରହ୍ମଚାରୀଙ୍କୁ ସହର ପରିକ୍ରମା କରାଯିବ । ଏହି କାର୍ଯ୍ୟକ୍ରମରେ ରାଜ ପୁରରୋହିତ ତ୍ରିପାଠୀଙ୍କ ସମେତ ପ୍ରମୋଦ ତ୍ରିପାଠୀ, ଗୁପ୍ତ ଷଡଙ୍ଗୀ, ଆଖଣ୍ଡଳମଣି ମନ୍ଦିର ପୂଜକ ବାବୁଲା ତ୍ରିପାଠୀ, ଗଙ୍ଗା ତ୍ରିପାଠୀ, ସୁଧାକର ପାଢୀ, ଗେଲ୍ଲେଇ ତ୍ରିପାଠୀ, ସୁମିତ ହଡପ, ଜିତୁ ତ୍ରିପାଠୀ, ବିଦୁ ବିଶ୍ୱାସରାୟ, ଚିନୁ ଦାଶ, ରାମ ରଥ, ବବୁଲୁ ଦାଶ, ପିଙ୍କୁ ଦାଶ, ତିରୁ ମିଶ୍ର, ହରିହର ମିଶ୍ର, ଅନାମ ଖାଡଙ୍ଗା, ଅମୁଲ୍ୟ ସାହୁ, ଭିକ ଦାଶ, ମୁନା ପଣ୍ଡା, ବବୁଲୁ ତ୍ରିପାଠୀ ପ୍ରମୂଖ ପୁରୋହିତ ନିୟୋଜିତ ରହିଥିଲେ । ଆଖଣ୍ଡଳମଣି ମନ୍ଦିର କମିଟି ରାମମୂର୍ତ୍ତି ପଟ୍ଟନାୟକ, ନିନିବାବୁ ତ୍ରିପାଠୀ,ସୀମା ତ୍ରିପାଠୀ, କୈଳାଶ ବିଶୋୟୀ, ନିଳାଞ୍ଚଳ ପଟ୍ଟନାୟକ ସମେତ ପ୍ରଶିକ୍ଷଣ କେନ୍ଦ୍ରର ସମସ୍ତ ସଦସ୍ୟ ପ୍ରମୂଖ ଉପସ୍ଥିତ ରହି ସହଯୋଗ କରିଥିଲେ ବୋଲି ଶଙ୍କରାଚାର୍ଯ୍ୟଙ୍କ ଆଦିତ୍ୟ ବାହିନୀର କ୍ଷେତ୍ରୀୟ ସମ୍ପାଦକ କୁନା ତ୍ରିପାଠୀ ସୂଚନା ଦେଇଛନ୍ତି।



ସ୍ମୃତିସଭାରେ କୁନ୍ଦୁରା ବ୍ଲକ କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

# ବ୍ଲକ କଂଗ୍ରେସ ସଭାପତିଙ୍କ ସ୍ମୃତିସଭା

**କୁନ୍ଦୁରା,୨୨।୫(ଡି.ଏନ୍.ଏ.)**

କୁନ୍ଦୁରା ବ୍ଲକ କଂଗ୍ରେସ ସଭାପତି ତ୍ରିପତି ଗୁରୁଙ୍କ ବିୟୋଗରେ ବୁଧବାର କାର୍ଯ୍ୟକାରୀ ସଭାପତିଙ୍କ ଅଧ୍ୟକ୍ଷତାରେ ସ୍ମୃତିସଭା ଅନୁଷ୍ଠିତ ହୋଇଛି । ଏଥିରେ କୋଟପାଡ଼ ବିଧାୟକ ଚନ୍ଦ୍ରଶେଖର ମାଝି, ଉପଦେଷ୍ଟା ଉଜ୍ଜ୍ୱଳ ପାଢ଼ୀ, ଜୋନ (୧) ସଭାପତି ଅଖିଳ ଭଞ୍ଜ, ଜିଲା ପରିଷଦ ସଭ୍ୟ ଧନିରାମ ବାରିକ, ଲକ୍ଷ୍ମୀ ମିନରବାଲିଆ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସଦନ ମୁଦୁଲି, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ପ୍ରଜ୍ଞାନ ତବସୁମ ଯୋଗ ଦେଇଥିଲେ। ସ୍ୱର୍ଗତ ତ୍ରିପତି ଗୁରୁଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ତାଙ୍କର ସ୍ମୃତିଚାରଣ କରାଯାଇଥିଲା । ତାଙ୍କ ଭଳି ପ୍ରତିଭାଙ୍କ ପରଲୋକରେ ସୃଷ୍ଟି ହୋଇଥିବା ଶୂନ୍ୟ ସ୍ଥାନ ପୂରଣ ହେବା କଷ୍ଟକର ବୋଲି କହିଥିଲେ ଉପଦେଷ୍ଟା ଉଜ୍ଜ୍ୱଳ ପାଢ଼ୀ। ବାଣୁଆଗୁଡ଼ାରେ ଥିବା ଶ୍ରୀଅରୋବିନ୍ଦ ମହାବିଦ୍ୟାଳୟର ଅଧ୍ୟକ୍ଷ ରହିବା ସହ ଜଣେ ଆଇନଜୀବୀ ଓ ୩ଦଶନ୍ଧି ଧରି ରାଜନୀତି କ୍ଷେତ୍ରରେ ସକ୍ରିୟ ଥିଲେ ତ୍ରିପତି ଗୁରୁ। ଯେକୌଣସି କାର୍ଯ୍ୟ ପଡ଼ିଲେ ସେ ଦଳକୁ ନଦେଖି ଯେକୌଣସି ସମୟରେ ସହଯୋଗର ହାତ ବଢାଉଥିବା ଜିଲା କଂଗ୍ରେସ ସମ୍ପାଦକ ଭବାନୀ ଶଙ୍କର ରଥ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମରନାଥ ଭଞ୍ଜ, ଜିତେନ୍ଦ୍ର କୁଣ୍ଡ, ରାଜା ଭଞ୍ଜ, ବାବୁନି କଳାପାହାଡ, ଉପାଧ୍ୟକ୍ଷା ପଦ୍ମା ହରିଜନ, ଦିବାକର ବିଶୋୟୀ ଯୋଗ ଦେଇଥିଲେ। ସେହିପରି କୁନ୍ଦୁରା ବ୍ଲକ ଭାଜପା ପକ୍ଷରୁ ମଧ୍ୟ ତ୍ରିପତି ଗୁରୁଙ୍କ ପରଲୋକରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା।

# ଦଶମନ୍ତପୁର ବ୍ଲକରେ ଅଧାପିଲା ଫେଲ୍

**ଦଶମନ୍ତପୁର, ୨୨।୫ (ଡି.ଏନ୍.ଏ.)**

ଦଶମନ୍ତପୁର ବ୍ଲକର ୧୮ଟି ବିଦ୍ୟାଳୟର ଛାତ୍ରୀଛାତ୍ର ୩ଟି ପରୀକ୍ଷାକେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ହେଲେ ପ୍ରତ୍ୟେକ ବର୍ଷ ତୁଳନାରେ ଚଳିତ ବର୍ଷ ନୈରାଶ୍ୟଜନକ ପାସ୍ ହାରକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଦଶମନ୍ତପୁର ବିଦ୍ୟାଳୟର ୬୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨ ଜଣ ଅନୁପସ୍ଥିତ ଥିବାବେଳେ ଡି ଗ୍ରେଡ୍ ଓ ଇ ଗ୍ରେଡ୍‌ରେ ମୋଟ ୨୩ ଜଣ ପାସ୍ ହୋଇଛନ୍ତି। ୩୯ ଜଣ ଫେଲ୍ ହୋଇଛନ୍ତି। ପରଜାବେଡ଼ାପଦର ସ୍କୁଲରେ ମୋଟ ୧୧ ଜଣଙ୍କ ମଧ୍ୟରୁ ଡି ଗ୍ରେଡ୍‌ରେ ୫ ଜଣ ଓ ଇ ଗ୍ରେଡ୍‌ରେ ଜଣେ ମାତ୍ର ପାସ୍ କରିଥିବା ବେଳେ ୫ ଜଣ ଫେଲ୍ ହୋଇଥିଲେ। ଗିର୍ଲିଗୁମ୍ମାରେ ୨୬ ଜଣ ମଧ୍ୟରୁ ଜଣେ ଅନୁପସ୍ଥିତ ଥିବାବେଳେ ୧୬ ଜଣ ଫେଲ୍ ହୋଇଥିବା ବେଳେ ୯ ଜଣ ପାସ୍ କରିଛନ୍ତି। ମାଛପୁଟରେ ୬୭ ପିଲାଙ୍କ ମଧ୍ୟରୁ ୪୯ ଜଣ ପାସ୍ ହୋଇଥିବାବେଳେ ୧୮ ଜଣ ଫେଲ୍ ହୋଇଥିଲେ। ଲୁଲ୍ଲାର ୩୬ ଜଣଙ୍କ ମଧ୍ୟରୁ ୧୯ ଜଣ ଫେଲ୍ ହୋଇଥିବାବେଳେ ୧୭ ଜଣ ପାସ୍ ହୋଇଥିଲେ। ମରିଚଗୁଡାରେ ୯ ଜଣଙ୍କ ମଧ୍ୟରୁ ୭ ଜଣ ଫେଲ୍ ଓ ୨ ଜଣ ପାସ୍ ହୋଇଥିଲେ। ମୁର୍କାରରେ ୧୩ ଜଣଙ୍କ ମଧ୍ୟରୁ ୬ ଜଣ ଫେଲ୍ ଓ ୭ ଜଣ ପାସ୍ ହୋଇଥିଲେ। ଟିକାମ୍ବରେ ୪୬ ଜଣଙ୍କ ମଧ୍ୟରୁ ୨୮ ଜଣ ଫେଲ୍ ଓ ୧୮ ଜଣ ପାସ୍ ହୋଇଥିଲେ। କିଟେସ୍‌ରେ ୧୦ ଜଣଙ୍କ ମଧ୍ୟରୁ ୬ ଫେଲ୍ ଓ ୪ ଜଣ ପାସ ହୋଇଥିଲେ। ପୋଡ଼ାଗଡ଼ରେ ୪୩ ଜଣଙ୍କ ମଧ୍ୟରୁ ୧୫ ଜଣ ଫେଲ୍ ଓ ୨୮ ଜଣ ପାସ୍ ହୋଇଥିଲେ। ଡୁମ୍ବାଗୁଡାରେ ୧୧ ଜଣଙ୍କ ମଧ୍ୟରୁ ୭ ଜଣ ଫେଲ୍ ଓ ୪ ଜଣ ପାସ୍ ହୋଇଥିଲେ। ବାଲିଘାଟରେ ୩୨ ଜଣଙ୍କ ମଧ୍ୟରୁ ୨୦ ଫେଲ୍ ଓ ୧୨ ଜଣ ପାସ, ପୋଡଗଡ ସରକାରୀ ହାଇସ୍କୁଲରେ ୭୩ ଜଣଙ୍କ ମଧ୍ୟରୁ ୩୮ ଫେଲ୍ ଓ ୩୫ ଜଣ ପାସ, ରଞ୍ଜାଗୁଡାରେ ୧୨ ଜଣଙ୍କ ମଧ୍ୟରୁ ୮ ଜଣ ଫେଲ୍ ଓ ୪ ଜଣ ପାସ୍, ଏ. ମାଲକାନଗିରିରେ ୩୬ ଜଣଙ୍କ ମଧ୍ୟରୁ ୨୬ ଜଣ ଫେଲ୍ ଓ ୧୦ ଜଣ ପାସ୍ ହୋଇଛନ୍ତି। ମଇନାମାଳରେ ୨୮ ଜଣଙ୍କ ମଧ୍ୟରୁ ୧୬ ଜଣ ଫେଲ ଓ ୧୨ ଜଣ ପାସ୍, ନନ୍ଦିଗାଁରେ ୩୧ ଜଣଙ୍କ ମଧ୍ୟରୁ ୨ ଜଣ ଅନୁପସ୍ଥିତ ଥିବାବେଳେ ୧୨ ଜଣ ଫେଲ୍ ଓ ୧୭ ଜଣ ପାସ୍ ହୋଇଥିଲେ। ସେହିପରି ଦୁଆରଶୁଣି ବିଦ୍ୟାଳୟରେ ମଧ୍ୟ ନୈରାଶ୍ୟଜନକ ପରୀକ୍ଷା ଫଳକୁ ନେଇ ପରୀକ୍ଷାର୍ଥୀ ଓ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବର୍ତ୍ତମାନ ୫୦ ପ୍ରତିଶତ ପାସ୍ ହାରକୁ ନେଇ ଶିକ୍ଷକଙ୍କ ଉଚିତ ଶିକ୍ଷାଦାନକୁ ନେଇ ବୁଦ୍ଧିଜୀବୀଙ୍କ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏବେ ଫେଲ ହୋଇଥିବା ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ଅନ୍ଧାରକୁ ନେଇ ଆନ୍ଦୋଳନର ଚେତାବନୀ ଦେଇଛନ୍ତି ଅଭିଭାବକ।

# ଅଗ୍ନି ଗାଙ୍ଗାମ୍ମାଙ୍କ ଘଟଯାତ୍ରା ଆରମ୍ଭ

**ସେମିଳିଗୁଡ଼ା,୨୨।୫(ସ୍ୱ.ପ୍ର.)**

ସେମିଳିଗୁଡ଼ା ସହରର ପ୍ରତ୍ୟକ୍ଷ ଗ୍ରାମଦେବୀଙ୍କ ଘଟଯାତ୍ରାର ଶୁଭାରମ୍ଭ ବୁଧବାର ହୋଇଛି। ପ୍ରଥମେ ମା ଗାଁର ଏକ ଅସ୍ଥାୟୀ ଛାମୁଣ୍ଡିଆ ଭିତରେ ୯ ଦିନ ରହି ପୂଜା ପାଇବେ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ମା'ଙ୍କ ଘଟ ଧରି ସେମିଳିଗୁଡ଼ା ଗାଁର ସାହି ପରିକ୍ରମା କରାଯିବ। ଗ୍ରାମବାସୀ ସନ୍ଧ୍ୟାରେ ଘର ଆଗରେ ଅପେକ୍ଷା କରିଥିବା ବେଳେ ମାଆ ଆସି ଭକ୍ତଙ୍କଠାରୁ ପୂଜାର୍ଚ୍ଚନା ପାଇ ପୁଣି ସେହି ଅସ୍ଥାୟୀ ଛାମୁଣ୍ଡିଆକୁ ଫେରିଯାନ୍ତି। ମାଆଙ୍କ ୯ ଦିନ ଉପସ୍ଥିତିରେ ପୂଜା ପାଉଥିବା ସମୟରେ କେହି ଅନ୍ୟ ଗ୍ରାମକୁ ଯାଆନ୍ତ ନାହିଁ। ସେହିପରି ଆସିଥିବା ଲୋକ ଯାତ୍ରା ଶେଷ ପର୍ଯ୍ୟନ୍ତ ରହିବେ। ଏହି ଘଟଯାତ୍ରାରେ ପ୍ରଥମ ଦିନ ମାଆଘର ପୂଜାରୀ ଘରେ ରାତ୍ର ଯାପନ କରିବେ। ପରେ ନିଜ ମାଉସୀ ମା ଘରକୁ ଯାଇ ପୁଣି ସେଠାରେ ଗୋଟିଏ ଦିନ ରହିବେ। ତାର ଆରଦିନ ପୁଣି ମାଆ ନିଜ ଅସ୍ଥାୟୀ ଛାମୁଣ୍ଡିଆକୁ ଫେରନ୍ତି। ଠିକ୍ ୫ ଦିନ ପରେ ମାଆ ସେମିଳିଗୁଡ଼ା ଥାନାରେ ସକାଳେ ଆସି ଅପରାହ୍ନ ପର୍ଯ୍ୟନ୍ତ ରହି ଥାନା ପରିସରରେ ପୂଜାର୍ଚ୍ଚନା ପାଇଥାଆନ୍ତି।

# ନାବାଳିକାଙ୍କୁ ଅପହରଣ, ବଳାତ୍କାର: ଅଭିଯୁକ୍ତ ଗିରଫ

**ବୈପାରୀଗୁଡ଼ା,୨୨।୫(ଡି.ଏନ୍.ଏ.)**

ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ମାମଲାରେ ବୁଧବାର ବୈପାରୀଗୁଡା ପୋଲିସ୍ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି । ସେ ହେଲେ ଜୟପୁର ସଦର ଥାନା ଅନ୍ତର୍ଗତ କୁନ୍ତରଖାଲ ଗ୍ରାମର ଗୋକୁଲ ହରିଜନ। ଘଟଣାରୁ ପ୍ରକାଶ ଯେ ନାବାଳିକା ଜଣକ ଚଳିତ ବର୍ଷ ଦଶମ ବୋର୍ଡ ପରୀକ୍ଷା ଦେଇଥିଲେ । ଗତ ଏପ୍ରିଲ ୪ ତାରିଖରେ ଅଭିଯୁକ୍ତ ନାବାଳିକାଙ୍କୁ ଅପହରଣ କରି ନିଜ ଘରକୁ ନେଇଯାଇଥିଲେ । ସେଠାରେ ଉଭୟ ପତି ପତ୍ନୀ ଭାବେ ରହୁଥିଲେ ଓ ସେମାନଙ୍କ ମଧ୍ୟରେ ଶାରୀରିକ ସଂପର୍କ ଥିଲା । ଏ ସଂପର୍କରେ ଜଣାପଡ଼ିବା ପରେ ନାବାଳିକାଙ୍କ ପରିବାର ଲୋକେ ଗତ ୨୧ ତାରିଖ ଥାନାରେ ଏତଲା ଦେଇଥିଲେ । ପୋଲିସ ନାବାଳିକାଙ୍କ ବୟାନ ରେକର୍ଡ କରିବା ସହ ଡାକ୍ତରୀ ମାଇନା କରିଛି । ୨୨ ତାରିଖ ଅଭିଯୁକ୍ତଙ୍କୁ ପୋଲିସ୍ ଗିରଫ କରିଥିବା ବେଳେ ଗୁରୁବାର କୋର୍ଟ ଚାଲାଣ କରାଯିବ।

# ଫନୀ ପ୍ରପୀଡିତଙ୍କ ପାଇଁ ଶିକ୍ଷକ ସଂଘ ପକ୍ଷରୁ ସହାୟତା



ଏବିଇଓଙ୍କୁ ସଂଘ ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯାଉଛି।

**ଚନ୍ଦାହାଣ୍ଡି,୨୨।୫(ଡି.ଏନ.ଏ)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଫନୀ କ୍ଷତିଗ୍ରସ୍ତଙ୍କ ସହାୟତା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦଶ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି । ଏନେଇ ସଂଘ ତରଫରୁ ବ୍ଲକ ଶିକ୍ଷା ଅଧିକାରୀ ଭଜନଲାଲ ମାଝୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପୁରୁଷୋତମ ପାରୀଙ୍କୁ ଏହି ରାଶି ପ୍ରଦାନ କରିଥିଲେ । ସହାୟତା ରାଶି ପ୍ରଦାନ ସମୟରେ ସଂଘର ସଭାପତି ବିଶ୍ୱରଂଜନ ପଣ୍ଡା,ସମ୍ପାଦକ ବୃନ୍ଦାବନ ସାହୁ , ଉପସଭାପତି ଶୋଭାସିଂ ପୋଡ, ରଂଜିତ ସାହୁ, ରବିନ୍ଦ୍ର ନାୟକ, ଗିରିଧାରୀ ନାୟକ, ରେଣୁଧର ପୁଜାରୀ, ଲକ୍ଷ୍ମୀଧର ସୁନା, ସୌରୀରଞ୍ଜନ ସାହୁ ପ୍ରମୂଖ ଉପସ୍ଥିତ ଥିଲେ ।












Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ